

# ଏକ ବାସ୍ତବ ସଂକଟର ସମ୍ମୁଖରେ

ଜେ. କ୍ରିଷ୍ଣମୂର୍ତ୍ତି

# ଏକ ବାସ୍ତବ ସଂକଟର ସମ୍ମୁଖରେ

ଇତିହାସର ପୃଷ୍ଠା ଫର୍ଦ୍ଦରେ ଗୋଟି ଗୋଟି ହୋଇ ସ୍ଥାନ ପାଇଛି– ମନୁଷ୍ୟ-କୃତ ପ୍ରଳୟର ଅଗଣିତ କାହାଣୀ। କାଳ କାଳ ଧରି, ଥରକୁ ଥର ନଛୋଡ଼ବନ୍ଧା ଭଳି ସେସବୁ ଧରାପୃଷ୍ଠକୁ ଚମକାଇ, ଚହଲାଇ ଘଟିବାରେ ଲାଗିଛି; ବିଜ୍ଞଜନ, ପଣ୍ଡିତ ପୁରୋହିତ କରି ଯାଇଥିବା ଆଶା ଭରସାର ଭବିଷ୍ୟବାଣୀ ବାରବାର ମିଥ୍ୟା ପ୍ରମାଣିତ ହୋଇଛି। ମନୁଷ୍ୟ ଜାତି ବୁଦ୍ଧିବର୍ଗର ଗଣନାରେ ଯାହା ସବୁ ଆଣି ଥୋଇଥିଲା ତାକୁ ସବୁ, ପୁଣି ତା'ର ଯୁକ୍ତିଯୁକ୍ତତା ଓ କାରଣ-ଜ୍ଞାନକୁ ପ୍ରତିହତ କରି ମଣିଷକୁ ଆଜି ନିରୂପାୟ, ହତବାକ୍ କରି ଛାଡ଼ି ଦେଇଛି। ଆଉ, ଦୁଇଟି ମହାସଂକଟ ମଧ୍ୟବର୍ତ୍ତୀ ଅବସ୍ଥାକୁ ଆମେ– ସ୍ୱାଭାବିକ ଜୀବନର ଆଖ୍ୟା ଦେଇ ବଞ୍ଚିବା ଶିଖି ଯାଇଛୁ। ତଥାକଥିତ ସ୍ୱାଭାବିକ ଜୀବନରେ କାଳ କାଟୁ କାଟୁ ଆମେ ଯାବତୀୟ ବିଷୟାଦି ଉପରେ ନିଜର ସମୟ ଶକ୍ତି ଢାଳି ଦେଇଛୁ ସିନା କିନ୍ତୁ ସର୍ବୋପରି ମଣିଷ ଜୀବନ ଅନ୍ତରାଳରେ ପ୍ରକୃତ କାରଣଟି କଅଣ ଏବଂ ଆମ ନିଜସ୍ୱ ଜୀବନର କି ଅର୍ଥ, ସେ ବିଷୟରେ ଆମେ ଆଦୌ ଗୁରୁତ୍ୱ ଦେଇ ଚିନ୍ତା କରୁ ନାହୁଁ କି ଭାବୁ ମଧ୍ୟ ନାହୁଁ। ଅନ୍ତତଃ, ଗୋଟିଏ କଥା ଆମେ ମନକୁ ଆଣୁ ସୁଦ୍ଧା ନାହୁଁ ଯେ– ଆମେ ଏବେ ଯେଉଁ ଭାବରେ ଚଳୁଛୁ, ବଞ୍ଚୁଛୁ, ଖୋଦ୍ ତାହା ହିଁ ଆମର ପରବର୍ତ୍ତୀ ବିଶ୍ୱ-ସଂକଟର କାରଣ ସାଜୁ ନାହୁଁ ତ ! ଏହି ପ୍ରଶ୍ନଟି ଆମ ମନକୁ କେବେ ବି ହୁଏତ ଆନ୍ଦୋଳିତ କରିବ ନାହିଁ– ଆଉ ଯଦି ବା କରେ– ତା'ର ମୁକାବିଲା କରିବା ଲାଗି ଆମଠାରେ ସାହସ ବି ନ ଥିବ ବୋଧହୁଏ !

ମୋଟ ଉପରେ କହିବାକୁ ଗଲେ, ଉପରୋକ୍ତ ଆହ୍ୱାନଟିକୁ କ୍ରିଷ୍ଣମୂର୍ତ୍ତି ଆମ ପାଇଁ ଛାଡ଼ି ଯାଇଛନ୍ତି। ତାହା ଆମ ସାମନାରେ ଛିଡ଼ା କରିଛି ନିର୍ଦ୍ଦିଷ୍ଟ କେତେକ ମୌଳିକ ପ୍ରଶ୍ନ। ସେଥିରୁ କେତୋଟିକୁ ଆମେ ତାଙ୍କର ଭାଷଣ ଓ ପୁସ୍ତକାଦିରୁ ସଂଗ୍ରହ କରିଛୁ। ସେ ଅବଧି ଦୀର୍ଘ ପଚାଶ ବର୍ଷର, ଅର୍ଥାତ ୧୯୩୪ ମସିହାରୁ ୧୯୮୫ ମସିହା ପର୍ଯ୍ୟନ୍ତ ବ୍ୟାପ୍ତ।

© 2020, Krishnamurti Foundation India

*Madras,*
*22 October 1947;*
*The Collected Works, Vol. IV.*

ପୃଥିବୀରେ ଅଧୁନା ଦେଖା ଦେଇଥିବା ବିଶ୍ୱସଂକଟର ପଟାନ୍ତର ନାହିଁ। ବିଗତ କାଳକୁ ଚାହିଁ ଦେଖିଲେ ଜଣାଯାଏ ଯେ ଏଭଳି ବିପର୍ଯ୍ୟୟ ଏ ଭିତରେ କେବେ ବି ବୋଧେ ଦେଖା ଦେଇ ନ ଥିଲା। ମଣିଷର ଜୀବନ କାଳରେ ଯେଉଁ ସବୁ ବିଭ୍ରାଟ ଥରକୁ ଥର ଆସେ, ବର୍ତ୍ତମାନର ସଂକଟ ସାମନାରେ ସେସବୁ ତୁଚ୍ଛ ନଗଣ୍ୟ। ବର୍ତ୍ତମାନର ସେ ଚରମ ବିଶୃଙ୍ଖଳାର କାୟା ଲମ୍ବିଛି ବିଶ୍ୱବ୍ୟାପୀ। ଖାଲି ଭାରତୀୟ ବା ଇଉରୋପୀୟ ବୋଲି ତାକୁ କହି ହେବ ନାହିଁ, ପୃଥିବୀର କୋଣ କୋଣରେ ତା'ର ପ୍ରଭାବ ଅନୁଭୂତ ହେଉଛି। ଶାରୀରିକ ଭାବରେ ହେଉ ବା ମନସ୍ତାତ୍ତ୍ୱିକ ଭାବରେ ହେଉ, ନୈତିକ ଭାବରେ ହେଉ ବା ଆଧ୍ୟାତ୍ମିକ ଭାବରେ ହେଉ– କିମ୍ବା ଅର୍ଥନୈତିକଙ୍କ ସମାଜଗତ ଭାବରେ ହେଉ ସବୁଠି ଦେଖା ଦେଇଛି ବିକ୍ଷୁର୍ଣ୍ଣତା ଓ ବିଭ୍ରାନ୍ତି। ମଣିଷ ଆଜି ଗିରିଖାତର ଧାରରେ ଛିଡ଼ା ହୋଇ ନିଜର ଛୋଟମୋଟିଆ ଚାହିଦା ଆଦିକୁ ଯୁଝିବାରେ ବ୍ୟସ୍ତ। ଆମ ଭିତରୁ ଖୁବ୍ ଅଳ୍ପ କେଇଜଣ ଅବା ଏହି ବିଶ୍ୱ ସଂକଟର ଅଭୂତପୂର୍ବ ରୂପରେଖ ବିଷୟରେ ଅନୁଭବ କରିଛନ୍ତି, ବୁଝିଛନ୍ତି ଏହା କେତେ ମାତ୍ରାରେ ବହୁଳ, ବିସ୍ଫୋରିତ ଓ ବିପଦଜନକ। କେହି କେହି ସେ ବିଶୃଙ୍ଖଳାକୁ ଦେଖି ସେହି ଗିରିଖାତର ଧାରରେ ଥାଇ ନିଜ ଜୀବନଧାରାକୁ ଅନ୍ୟ ଭାବେ ସଂଯୋଜନା କରିବାକୁ ଆଗଭର ହୋଇଛନ୍ତି। କିନ୍ତୁ ନିଜେ ଅନ୍ତର ଭିତରେ ବିଭ୍ରାନ୍ତ ହୋଇଥିବା କାରଣରୁ, ସେମାନେ ଯାହା ବି କରୁଛନ୍ତି ତାହା ଆହୁରି ଅଧିକ ବିଶୃଙ୍ଖଳା ଡାକି ଆଣୁଛି।

*Madras,
22 October 1947;
The Collected
Works, Vol. IV.*


ବର୍ତ୍ତମାନର ଏ ବିଷମ ସଂକଟକୁ କୌଣସି ଦୈବୀ ଦୁର୍ଘଟଣା ବା ଯୋଗ-ଦୁର୍ଯୋଗ ତିଆରି କରି ନାହିଁ। ପ୍ରକୃତରେ କହିବାକୁ ଗଲେ, ଜଣ ଜଣ କରି ଆମେ ପ୍ରତ୍ୟେକେ ଏକୁ ଆଜି ଡାକି ଆଣିଛୁ। ଏକୁ ତିଆରି କରିଛି ଆମ ପ୍ରତ୍ୟେକଙ୍କର ଦୈନନ୍ଦିନ କାର୍ଯ୍ୟକଳାପର ଗତିବିଧି – ଯଥା ଆମର ଈର୍ଷା ଓ ଆବେଗର କ୍ରିୟାକଳାପ, ଆମ ଲୋଭ ଓ କ୍ଷମତା, ଆଧିପତ୍ୟ ବିସ୍ତାର ଲାଳସାର କ୍ରିୟାକଳାପ, ପ୍ରତିଯୋଗିତା ଓ ନୃଶଂସତାର କ୍ରିୟାକଳାପ, ତଥା ଆମର ତମାମ ଇନ୍ଦ୍ରିୟଗତ ଓ ତୁରନ୍ତ ଫଳ ଦେଉଥିବା ମୂଲ୍ୟବୋଧ ପଛରେ ଧାଉଁଥିବାର କାର୍ଯ୍ୟବିଧି। ଅନ୍ୟ କେହି ନୁହେଁ – ଖୋଦ୍ ତମେ ଏବଂ ମୁଁ – ଆମେ – ହିଁ ଏହି ଭୟାନକ ଦୁର୍ଦ୍ଦଶା ଓ ବିଶୃଙ୍ଖଳା ଲାଗି ଦାୟୀ। କାରଣ, ତମେ ନିଜେ ହେଉଛ ବିଋରହୀନ, ଚିନ୍ତାହୀନ, ଅ-ଜାଗ୍ରତ ଅଚେତନ; ନିଜ ଆକାଂକ୍ଷା ଅଭିଳାଷର ଫାଶରେ ତମେ ବନ୍ଧା ପଡ଼ିଛ, ନିଜ ଇନ୍ଦ୍ରୟାନୁଭବ ଓ ତା'ର ପଶ୍ଚାତ୍‌ଧାବନ କରିବାରେ ତମେ ଛନ୍ଦି ହୋଇ ରହିଛ; ଅଚିରେ – ତୁରନ୍ତ ଭାବେ ପରିତୋଷ ପ୍ରଦାନ କଲା ଭଳି କିଛି ମୂଲ୍ୟବୋଧରେ ତମେ ଡାଙ୍କି ହୋଇ ରହିଛ। ଆଉ ସେହି ଯୋଗୁ ହିଁ ତମେ ନିଜ ହାତରେ ଗଢ଼ି ବସିଛ ଏହି ବିଶାଳତମ ଗ୍ରାସକାରୀ ବିପର୍ଯ୍ୟୟକୁ।... ଏ ଚରମ ବିଶୃଙ୍ଖଳା ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଦଳ ବା ଗୋଷ୍ଠୀ ଦାୟୀ ନୁହଁ, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଦାୟୀ ନୁହଁ; ଏ ବିଭ୍ରାଟ ଲାଗି ଦାୟୀ ହେଉଛ – ତମେ, ସ୍ୱୟଂ ତମେ !

*New Delhi,
14 November 1948;
The Collected
Works, Vol. V.*

ଏବେ ତେଣୁ କହ, ଆଧୁନିକ ଦୁନିଆ କହିଲେ କ'ଣ ? ବୃହତାକାର ସଂଗଠନ ଆଦିର କାରିଗରୀ କୌଶଳ ଏବଂ ତା'ର ସୁ-କାର୍ଯ୍ୟକାରିତାକୁ ଧରି ତ' ଆଧୁନିକ ଦୁନିଆ ଆଜି ଛିଡ଼ା ହୋଇଛି । ଏଠି ବୈଜ୍ଞାନିକ ବା ଯାନ୍ତ୍ରିକ କାରିଗରିତାରେ ଅସମ୍ଭବ ଧରଣର ଅଗ୍ରଗତି ଘଟିଛି – ମାତ୍ର ତା' ସାଥେ ସାଥେ ମନୁଷ୍ୟର ମୌଳିକ ଚାହିଦା କ୍ଷେତ୍ରରେ ମଧ୍ୟ ଭୀଷଣ ଭାବରେ ଅସଂଗତ ବିତରଣ ଦେଖା ଦେଇଛି । ଉତ୍ପନ୍ନ କରିବାର କ୍ଷମତା ମାତ୍ର ଅଳ୍ପ କେତେ ଜଣଙ୍କଠାରେ ସୀମିତ ହୋଇ ରହିଯାଇଛି । ଜାତୀୟତାବାଦ ଘେନି ବିବାଦ ଲାଗି ରହିଛି, ଏବଂ ସାର୍ବଭୌମ୍ୟ ସରକାର ଗଠନ କାରଣରୁ ଦେଶ ଦେଶ ମଧ୍ୟରେ ଥରକୁ ଥର ଯୁଦ୍ଧ ଲାଗୁଛି । ଏକୁ ଇ' ତ ଆମେ ଆଧୁନିକ ଦୁନିଆ ବୋଲି କହୁଛୁ; ନା କ'ଣ ? ଏଣେ ଯାନ୍ତ୍ରିକ ପ୍ରଗତି ସାଂଗକୁ କିନ୍ତୁ ତାଳ ଦେଇ ଗୁରୁତ୍ୱପୂର୍ଣ୍ଣ ମନସ୍ତାତ୍ତ୍ୱିକ ଅଗ୍ରଗତିରେ ତୀବ୍ର ଅଭାବ ରହିଯାଉଛି । ଫଳରେ ସୃଷ୍ଟି ହେଉଛି ଏକ ଅସମତୁଲ୍ୟ ଅବସ୍ଥା । ଗୋଟିଏ ପଟେ ବୈଜ୍ଞାନିକ କୃତୀ ପ୍ରଭୃତିରେ ଅଭୂତପୂର୍ବ ଉନ୍ନତି, ସାଫଲ୍ୟ ଘଟିବା ସଙ୍ଗେ ସଙ୍ଗେ ମନୁଷ୍ୟର ଦୁଃଖ ଦୁର୍ଦ୍ଦଶା, ତା'ର ଶୂନ୍ୟ ହୃଦୟ, ଫମ୍ପା ମନ – ଏସବୁ ବି ଲାଗି ରହିଛି ।... ତେଣୁ ଯାହାକୁ କହୁଛ ଆଧୁନିକ ଦୁନିଆ, ସେଇ ତ' ହେଲ ତମେ ନିଜେ । ଏ ଦୁନିଆଟା ତମଠାରୁ ଭିନ୍ନ ହୋଇ କିଛି ହେଲେ ନୁହେଁ । ଆଉ, ତମର ଏଇ ଦୁନିଆ – ଯାହା କି ହେଲ ତମେ – ତା'ର ଅନ୍ୟ ନାମ ହେଉଛି ଜ୍ଞାନ ବୁଦ୍ଧିର ବିକର୍ଷଣ ଏବଂ ଫମ୍ପା ହୃଦୟର ଜଗତ !

*Madras,
25 December 1982;
Mind Without
Measure.*

ହଁ, ସଂକଟଟି ଅଛି ନିଶ୍ଚୟ। କିନ୍ତୁ ସେ ସଂକଟ ପୃଥିବୀ ଦେହରେ ନାହିଁ, ସେ ସଂକଟ ଆଣବିକ ଯୁଦ୍ଧ ଦେହରେ ନାହିଁ, କି ଏଇ ଯେତେ ସବୁ ଅକଥନୀୟ ବିଭାଜନ ଓ ନୃଶଂସତା, ବର୍ବରତା ଦେଖା ଦେଉଛି – ତା' ମଧ୍ୟରେ ସୁଦ୍ଧା ନାହିଁ। ସଂକଟର ପ୍ରକୃତ ବାସସ୍ଥଳୀଟି ହେଉଛି – ଆମରି ଚେତନା। ସଂକଟଟି ପ୍ରକୃତରେ ହେଉଛୁ, ଆମେ ଖୋଦ୍। ଆମେ ଆଜି ଯାହା ବା ଯେପରି ଭାବରେ ପରିଣତ ହୋଇଛୁ, ତାହା ହିଁ ହେଉଛି – ସଂକଟ।


ମନୁଷ୍ୟ ଚେତନାରେ
ଜାଣି ସଂକଟର ଅବସ୍ଥିତି ।
ଯେତେବେଳେ ମଣିଷ ନିଜକୁ ଜୀବନର ପବିତ୍ରତାଠାରୁ କାଟି ଦୂରେଇ ରଖେ, ସେତେବେଳେ ହିଁ ତାହା ଘଟିଥାଏ ।

*Bombay,
28 January 1968;
Meeting Life.*

ଯୋଉ ମଣିଷ ଆଜିକୁ ଶତ ସହସ୍ର ବର୍ଷ ଧରି ଏ ପୃଥିବୀରେ ବଞ୍ଚି ଆସିଛି, ସେ କାହିଁକି ଏପରି ଦୁଃଖ ଦୈନ୍ୟ ଓ ସଂଘର୍ଷର ସମ୍ମୁଖୀନ ହେଉଛି ?... ଥରେ ଯଦି ତମେ – ଜନ-ବିସ୍ଫୋରଣ, ନୈତିକତା ହ୍ରାସ ଇତ୍ୟାଦି ନାମକ ଯୁକ୍ତି, ବ୍ୟାଖ୍ୟା ପ୍ରଭୃତିକୁ ଆଡ଼େଇ ଦେଇ ଦେଖନ୍ତ, ତା'ହେଲେ ପଚାରନ୍ତ – ଏ ଦୁଃଖ ଦୁର୍ଦ୍ଦଶାର ମୌଳିକ କାରଣ, ତା'ର ପ୍ରାଥମିକ ହେତୁଟି କ'ଣ ? କାରଣ ଉପରୋକ୍ତ ଯୁକ୍ତି ବା ବ୍ୟାଖ୍ୟା ତ' ଯେମିତି ହେଲେ ଯାନ୍ତ୍ରିକ ଜ୍ଞାନ ଓ ପ୍ରତ୍ୟକ୍ଷ ଭାବ ବିନିମୟର ଅଭାବ ସହିତ ଜଡ଼ିତ । କିନ୍ତୁ କଥା ହେଲା, ଏଭଳି ଏକ ଦେଶରେ, ଯେଉଁଠାରେ କି ଉତ୍ତମତା, ଦୟାର୍ଦ୍ରତାର, ଜୀବ ହତ୍ୟା ନ କରିବାର, ନୃଶଂସ ନ ହେବାର ପରମ୍ପରା କାଳକ୍ରମେ ରହି ଆସିଥିଲା,... ସେଇଠି ପୁଣି କାହିଁକି ? କୋଉଠି ଏମିତି ଗୋଟିଏ ଆମୂଳଚୂଳ, ସଂପୂର୍ଣ୍ଣ ଭୁଲ ଘଟି ବସିଲା ଯେ... ?

*Madras,
26 October 1947;
The Collected
Works, Vol. IV.*

ପ୍ରାଚୀନ କାଳରେ, ଅଳ୍ପ କିଛି ଲୋକ ଥିଲେ ଯେଉଁମାନେ କି ଉଚ୍ଚାଭିଳାଷ ଓ କର୍ତ୍ତୃତ୍ୱବାଦରୁ ମୁକ୍ତ ଥିଲେ, ଲୋଭ ଏବଂ ମନ୍ଦ ଇଚ୍ଛା ଶକ୍ତିରୁ ମୁକ୍ତ ଥିଲେ ଏବଂ ସେଥିଲାଗି ଏ ସମାଜ ଆଧ୍ୟାତ୍ମିକ ଓ ନୈତିକ ଅଧୋପତନରୁ ଦୂରେଇ ରହିବାକୁ ସମର୍ଥ ହେଉଥିଲା । ସେହି ଦଳର ଆକାର ଯେତେ ବଡ଼ ଥିଲା, ସମାଜର ତଥା ରାଷ୍ଟ୍ରର ସୁରକ୍ଷା ସେତିକି ବଳବତ୍ତର ହେଉଥିଲା । ଆଉ ସେହି କାରଣରୁ ଭାରତ ଭଳି ଗୋଟିଏ ବା ଯୋଡ଼ିଏ ଦେଶ କାଳ କାଳ ଧରି ତିଷ୍ଠି ରହିପାରିଛି । କାରଣ, ପ୍ରକୃତ ପକ୍ଷେ, ଦୁନିଆର ହଇଚଇରେ ସାମିଲ ହେଉ ନ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ ସ୍ୱଳ୍ପ । ଏବଂ ସେଇ କାରଣରୁ ତମେ ଆଜି ଏକ ଅଭୂତପୂର୍ବ ସଂକଟର ସମ୍ମୁଖୀନ ହୋଇଛ ।

*Bombay,
28 January 1978.*

ଦୁଃଖ। ରୋଗ ବେମାରୀରେ ଘାଣ୍ଟି ହେବାର ଦୁଃଖ; ଏକବାରେ ଏକଲା ହୋଇ ପଡ଼ି ରହିବାର ଦୁଃଖ। ପୁଣି ଯେତେବେଳେ ତମେ ଦେଖ ଯେ ଲୋକେ କେମିତି ଦାରିଦ୍ର୍ୟର କଷାଘାତ ଖାଇ ଅଜ୍ଞତାରେ ବୁଡ଼ି ରହିଛନ୍ତି, ମଇଳା ଅପରିଚ୍ଛନ୍ନ ହୋଇ, ହତାଶାରେ ଜୀବନ କାଟିବାରେ ଲାଗିଛନ୍ତି – ସେତେବେଳେ ପୁଣି ତମେ ଦେଖ ସେ ଦାରିଦ୍ର୍ୟର ଦୁଃଖ। ଆହୁରି ପୁଣି ତମେ ଯେତେବେଳେ ଦେଖ ଯେ ପୃଥିବୀର ସ୍ଥାନେ ସ୍ଥାନେ  ପଶୁପକ୍ଷୀ କେମିତି ହାଣ ଖାଉଛନ୍ତି, ଧ୍ୱଂସର ଶିକାର ହେଉଛନ୍ତି, ବିଜ୍ଞାନାଗାରରେ ପଲ ପଲ ହୋଇ କଟା ହେଉଛନ୍ତି, ସେତେବେଳେ ବି ତମେ ଦେଖିବାକୁ ପାଅ – ଦୁଃଖ।

*25 February 1983;*
*Krishnamurti to Himself.*

ସତରେ ବଡ଼ ଅଦ୍ଭୁତ ଯେ ପ୍ରକୃତି ସହିତ ଆମର ସଂପର୍କଟା ଅତି ମାତ୍ରାରେ ସଂକୁଚିତ ହୋଇ ପଡ଼ିଛି। ଏ ପୃଥିବୀରେ ଯେତେସବୁ ଜୀବନ୍ତ ପ୍ରାଣବନ୍ତ, ସେ ସବୁକିଛି ପ୍ରତି ଆମର କୌଣସି ଖିଆଲ ସୁଦ୍ଧା ନାହିଁ। ଯଦି ଆମେ ପ୍ରକୃତି ସହିତ ଏକ ଗଭୀର, ଅନ୍ତରଙ୍ଗ ସଂପର୍କ ରଖିପାରନ୍ତେ, ତେବେ ଆମେ ଆପଣା କ୍ଷୁଧା ଶାନ୍ତ କରିବାକୁ ପଶୁ ହତ୍ୟା କରନ୍ତେ ନାହିଁ। ନିଜର ସୁଖ ସମୃଦ୍ଧି ପାଇଁ ମାଙ୍କଡ଼ଟିଏ ହେଉ କି କୁକୁର ବା ଠେକୁଆକୁ ଆଘାତ ପହଞ୍ଚାନ୍ତୁ ନାହିଁ– ତାକୁ ଗବେଷଣା ପାଇଁ କାଟି କୁଟି ପରଖନ୍ତୁ ନାହିଁ। ଦୈହିକ ରୋଗ କ୍ଲେଶର ଉପଶମ ଲାଗି, ଶାରୀରିକ କ୍ଷତ ବିକ୍ଷତକୁ ସମ୍ଭାଳି ନେବା ଲାଗି ଆମେ ଭିନ୍ନ ଉପାୟକୁ ଆପଣାନ୍ତୁ। କିନ୍ତୁ ଅନ୍ୟ ପକ୍ଷରେ ମନର ଉପଚାର ଏକ ସଂପୂର୍ଣ୍ଣ ଅଲଗା କଥା। ତମେ ଯଦି ପ୍ରକୃତି ସହିତ ମିଳି ମିଶି ଚଳୁଥିବ, ତେବେ ମନର ଉପଚାର ଆପେ କ୍ରମଶଃ ଘଟିବ।

*The Whole Movement of Life is Learning: Letters to the Schools,* Ch. 67.

ତମେ ଯେତେବେଳେ ପ୍ରକୃତି ସହିତ ନିଜର ସଂପର୍କକୁ ହରାଇ ବସିବ, ସେତେବେଳେ ତମେ ଅନ୍ୟ ଲୋକମାନଙ୍କ ସହିତ ସଂପର୍କରୁ ମଧ୍ୟ ହାତ ଧୋଇ ବସିବ। ଯେତେବେଳେ ତମେ ସେ ପକ୍ଷୀ ପ୍ରଭୃତିଙ୍କ ସହିତ, ବା ସେ ଲାଜକୁଳା, ତରଛିଲା ତିତିର ପକ୍ଷୀ ଆଦିଠାରୁ ବିଚ୍ଛିନ୍ନ ହୋଇ ସଂପର୍କ ନ ନେଇ ବଞ୍ଚିବ, ସେତେବେଳେ ତମେ ନିଜର ପୁଅ ଝିଅ– ବା ରାସ୍ତା ଆରପଟେ ରହୁଥିବା ବ୍ୟକ୍ତିଠାରୁ ମଧ୍ୟ ଦୂରେଇ ଯିବ। ଯେତେବେଳେ ତମେ ଖାଦ୍ୟ ଉଦ୍ଦେଶ୍ୟରେ ଏକ ପ୍ରାଣୀକୁ ବଧ କରୁଥିବ, ସେତେବେଳେ ତମଠାରେ ଏଭଳି ଏକ ଅ-ସଂବେଦନଶୀଳତା ବଢ଼ିବାରେ ଲାଗିଥିବ ଯାହା କି ତମକୁ ସୀମାରେଖାର ଅନ୍ୟ ପ୍ରାନ୍ତରେ ଥିବା ମଣିଷଟିକୁ ହତ୍ୟା କରିବାରେ ସହାୟତା କରିବ। ତେଣୁ ଜୀବନ ପଦବାଚ୍ୟ ସେ ସମୂହ ଗତିବିଧି ସହିତ ସଂପର୍କ ହରାଇବାର ଅର୍ଥ ହେଉଛି ନିଜର ସକଳ ସଂପର୍କାଦିରେ ଗାର ଟାଣିଦେବା। ସେତିକିବେଳେ ଦେଖିବ ଯେ ତମର ସ୍ୱାର୍ଥ ବା ସ୍ୱ (ରଶକ୍ତ), ତା'ର ତମାମ କଳ୍ପନା-ବିଭୋର ଇଚ୍ଛା-ତାଡ଼ନା, ଦାବୀ ଚାହିଦା, ଓ ତତ୍‌ପଶ୍ଚାତ ଅନୁଧାବନ ଇତ୍ୟାଦି ସମେତ – ଖୁବ୍ ଗୁରୁତ୍ୱପୂର୍ଣ୍ଣ ପାଲଟି ଯାଇଥିବ। ତମେ ଓ ଏ ଜଗତ ମଧ୍ୟରେ ଥିବା ଖାଇ ବହୁଗୁଣେ ପ୍ରସାରିତ ହୋଇ ଥିବ, ଦ୍ୱନ୍ଦ୍ୱ ସଂଘର୍ଷ ବହୁଗୁଣିତ ହୋଇଥିବ।

*The Whole Movement of Life is Learning: Letters to the Schools, Ch. 70.*

ଯେତେବେଳେ ତମେ ଚତୁର୍ଦ୍ଦିଗକୁ ଋହିଁ ଦେଖ – ମନୁଷ୍ୟ ଜଗତକୁ ନୁହେଁ – ପ୍ରକୃତି ରାଜ୍ୟକୁ ଋହିଁ ଦେଖ, ଉପରର ନଭୋମଣ୍ଡଳକୁ ଋହିଁ ଦେଖ, ସବୁଠି ଶୃଙ୍ଖଳା ଓ ସମନ୍ୱୟତାର ଏକ ଭାବ ବିରାଜୁ ଥାଏ। ପ୍ରତ୍ୟେକଟି ବୃକ୍ଷଲତା, ଫୁଲଠାରେ ତା'ର ନିଜସ୍ୱ ଶୃଙ୍ଖଳା, ନିଜସ୍ୱ ସୁଷମା ନିହିତ ଥାଏ। ପ୍ରତ୍ୟେକ ପାହାଡ଼ର ଶିଖର, ପ୍ରତ୍ୟେକ ଉପତ୍ୟକାର ଏକ ଆପଣା ଛନ୍ଦ, ଆପଣା ଦାମ୍ଭିକତା (ସ୍ୱସ୍ୱବଭସକ୍ଷସସ୍ୱଛ) ଥାଏ। ଯଦିଓ ମଣିଷ ନଦୀକୁ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା କରିଛି, ତା'ର ଜଳରାଶିକୁ କଳୁଷିତ କରିଛି – ତଥାପି ନଦୀ ତା'ର ବହିବାରେ ଲାଗିଛି, ଅବାଧିତ ସ୍ରୋତରେ ପ୍ରବାହିତ ହେଉଛି। କେବଳ ମଣିଷକୁ ଛାଡ଼ି ଯୋଉଠି ବି ଦେଖ, ସାଗର କୁହ, ପବନ କୁହ, କି ଆକାଶର ସେ ବିସ୍ତୃତ ବକ୍ଷ କୁହ – ସବୁଠି ଦେଖିବାକୁ ମିଳେ ଶୁଦ୍ଧତାର ଏକ ଅନୁପମ ଭାବ, ଏକ ଶୃଙ୍ଖଳବଦ୍ଧ ଅସ୍ତିତ୍ୱ। ବଣରେ ଶୃଗାଳ କୁକୁଡ଼ାକୁ ମାରି ଖାଉଛି, ବଡ଼ ବଡ଼ ଯନ୍ତୁ ଛୋଟ ଯନ୍ତୁଯୁନ୍ତାଙ୍କୁ ଶିକାର କରି ବଞ୍ଚୁଛନ୍ତି। ବାହାରୁ ଦେଖିଲେ ଆମକୁ ସେସବୁ ବଡ଼ ନିଷ୍ଠୁର ମନେ ହେଉଛି ସତ, କିନ୍ତୁ ଏସବୁ ବିଶ୍ୱ ବ୍ରହ୍ମାଣ୍ଡର ଶୃଙ୍ଖଳାର ଏକ ପରିପ୍ରକାଶ। କେବଳ ଏକମାତ୍ର ମଣିଷ ହିଁ ଏଥିରୁ ବାଦ୍ ପଡ଼ି ଯାଇଛି। ଆଉ ଯୋଉଠି ଦେଖିବ ମଣିଷ ହସ୍ତକ୍ଷେପ କରୁ ନାହିଁ, ସେଇଠି ପ୍ରତିଭାତ ହେଉଛି ଅପରିସୀମ ସମତା ଓ ଭାରସାମ୍ୟତା।



*IIT-Bombay,
7 February 1984;
Why are You
being Educated?*

ତେବେ କହ, ଏ ସମଗ୍ର ଅସ୍ତିତ୍ୱର ପ୍ରକୃତ ଅର୍ଥଟି କଅଣ ? ତମେ ଅବା ସେଥିପ୍ରତି ଦୃଷ୍ଟି ଦେବାକୁ ଋହିଁ ନ ପାର, ତା'କୁ ଆଡ଼ ନଜର କରିବାକୁ ଇଚ୍ଛା କରିପାର। .... ତମ ଜୀବନର ଦୀର୍ଘ କୋଡ଼ିଏ ବା ତିରିଶ ବର୍ଷ ତମେ ବିତାଇ ଦେଉଛ ପଦାର୍ଥ ବିଜ୍ଞାନ, ଶବ୍ଦ ତତ୍ତ୍ୱ, ଜୀବ-ବିଜ୍ଞାନ, ସମାଜ ବିଜ୍ଞାନ, ଦର୍ଶନତତ୍ତ୍ୱ, ମନସ୍ତାତ୍ତ୍ୱିକ ବିଶ୍ଲେଷଣ ଆଦି କ୍ଷେତ୍ରରେ ଜ୍ଞାନ ଆହରଣ କରିବାକୁ ଯାଇ। ତମର ବର୍ଷ ବର୍ଷ କଟି ଯାଉଛି ତା'ରି ପିଛାରେ। ଅଥଚ ତମେ ଦିନଟିଏ ପାଇଁ ହେଉ କି ଘଣ୍ଟାକ ପାଇଁ ହେଉ ଜାଣିବାକୁ ବସୁ ନାହଁ ଯେ ତମେ ପ୍ରକୃତରେ କଅଣ– ତମେ କାହିଁକି ଏଭଳି ଭାବରେ ବଞ୍ଚିବାରେ ଲାଗିଛ।

*Bombay,
10 February 1985;
That Benediction
is Where You are.*

ଆମେ କ'ଣ ଆମ ଜୀବନକୁ ନଷ୍ଟ କରିବାରେ ଲାଗିଛୁ ? ଏଠି 'ନଷ୍ଟ' ଶବ୍ଦଟି ଏଇ ଅର୍ଥରେ ବ୍ୟବହାର କରୁଛି ଯେ– ନାନାଦି ବାଟରେ ଆମର ଶକ୍ତିକୁ ଅପଚୟ କରିବାରେ ଲାଗିଛୁ, କିଛି ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପାରଙ୍ଗମତା ଜରିଆରେ ଶକ୍ତିକୁ ଅପଚୟ କରୁଛୁ ? ଆମେ କ'ଣ ଆମର ଜୀବନ ତଥା ସମଗ୍ର ଅସ୍ତିତ୍ୱକୁ ନଷ୍ଟ କରିବାରେ ଲଗିଛୁ ? ଯଦି ତମେ ଧନୀ, ପଇସାବାଲା ହୋଇଥାଅ ତ' କହିବ, 'ହଁ ମୁଁ ଏବେ ଅନେକ ଟଙ୍କା ପଇସା ସଂଗ୍ରହ କରି ସାରିଲିଣି; ଏଥିରେ ମୋତେ ଅନେକ ଖୁସି ବି ମିଳିଛି।' କିମ୍ବା ତମଠାରେ ଯଦି କିଛି ଏକ ନିର୍ଦ୍ଦିଷ୍ଟ ପ୍ରତିଭା ଆଦି ରହିଛି – ତେବେ ସେହି ପ୍ରତିଭା ହିଁ ଏକ ଧର୍ମ-ସମ୍ପନ୍ନ ଜୀବନ ପକ୍ଷରେ ବିପଦ ହୋଇ ଛିଡ଼ା ହେବ। ପ୍ରତିଭା କହିଲେ କଅଣ ? ତାହା ଏକ ନିର୍ଦ୍ଦିଷ୍ଟ ଦିଗାଭିମୁଖୀ ଉପହାର, ଏକ ଜନ୍ମଗତ ଗୁଣ, ଏକ ସ୍ୱଭାବସିଦ୍ଧ ମନୋବୃତ୍ତି ଯାହା କି ଏକ ନିର୍ଦ୍ଦିଷ୍ଟ ଦିଗରେ ଉପଲବ୍ଧ ହୋଇଥାଏ। ତାକୁ ଇ' ତ ଆମେ ବିଶେଷଜ୍ଞତା ବୋଲି କହିଥାଉ। କିନ୍ତୁ ବିଶେଷଜ୍ଞତା ହେଲା ଏକ ବିଭାଜନକାରୀ ପ୍ରକ୍ରିୟା। ତେଣୁ ତମେ ନିଜକୁ ନିଜେ ନିଶ୍ଚୟ ପ୍ରଶ୍ନ କରିବା ଦରକାର ଯେ ତମେ ତମ ଜୀବନକୁ ନଷ୍ଟ କରିବାରେ ଲାଗିଛ କି ? ତମର ହୁଏତ ପ୍ରଚୁର ଟଙ୍କା ପଇସା ଥାଇପାରେ, ତମର ଅନେକ ପ୍ରକାର ଜନ୍ମଗତ ପ୍ରତିଭା ଥାଇପାରେ, ତମେ କେଉଁ କ୍ଷେତ୍ରରେ ବିଶେଷଜ୍ଞ ହୋଇଥାଇପାର। ଜଣେ ପ୍ରଖ୍ୟାତ ବୈଜ୍ଞାନିକ ବା ବ୍ୟବସାୟୀ ହୋଇଥାଇପାର। କିନ୍ତୁ ଜୀବନର ଅନ୍ତିମ ଭାଗରେ, ସେ ସବୁକିଛି କ'ଣ ତୁଚ୍ଛା ଅପଚୟ କି ?

*Saanen, 22July, 1973*

ତମର ସଂସ୍କୃତି କହିବାରେ ଲାଗିଛି ଯେ 'ଏ ଜୀବନର ଅର୍ଥ କ'ଣ – ତାକୁ ନେଇ କାହିଁକି ଏତେ ଚିନ୍ତା କରୁଛୁ ? ଜିଇଁ ଚାଲିଥା; ଏଇ ଯୋଉ କୁତ୍ସିତତା, ବର୍ବର-ପ୍ରାୟ ଅସ୍ତିତ୍ୱ ଦେଖୁଛୁ, ଦୁଃଖ ଯନ୍ତ୍ରଣା, ଉଦ୍‌ବିଗ୍ନତା, ସୁଖ ଆମୋଦ, ଭୟ ଶଙ୍କା ଦେଖୁଛୁ, ପ୍ରଚଣ୍ଡ ବିଜାର ଭାବ ତଥା ନିଃସଙ୍ଗତା ଦେଖୁଛୁ – ତାକୁ ସବୁ ସହି ଯା' ! ଏ ସବୁକିଛି ତ' ଜୀବନର ଗୋଟିଏ ଲେଖାଁ ଅଂଶ। ତୁ କେବେ ବି ହେଲେ ତା'ର ଊର୍ଦ୍ଧ୍ୱକୁ ଯାଇ ପାରିବୁ ନାହିଁ, ଜାଣିଥା। ସେଇଥିପାଇଁ ମାତି ଯା' ମଉଜ ମଜଲିସ୍‌ରେ। ସୁଖ ଆମୋଦକୁ ଜୀବନର ସର୍ବୋତମ ପାଥେୟ କରିନେ।'

ଏଇଆ ହିଁ ତ ତମେ ଏବେ କରୁଛ ନା

*The Whole Movement of Life is Learning: Letters to Schools, Ch 28.*

ପୃଥିବୀ ସାରା, ଯୋଉଠି ବି ଦେଖ, ମଣିଷ ବେଶୀ ଭାବରେ ହେଉ ବା ସ୍ୱଳ୍ପ ଭାବରେ ହେଉ ଅବକ୍ଷୁର୍ଣ୍ଣତା ଦିଗରେ ଗତି କରିବାରେ ଲାଗିଛି। ବ୍ୟକ୍ତିଗତ ଭାବରେ ହେଉ ବା ସାମୂହିକ କ୍ଷେତ୍ରରେ ହେଉ, ସୁଖ ଆମୋଦ ଯେତେବେଳେ ଜୀବନର ସର୍ବୋଚ୍ଚ ଆଗ୍ରହରେ ପରିଣତ ହୁଏ – ଯଥା, ଯୌନତାର ସୁଖ, ନିଜ ଇଚ୍ଛାକୁ ଜାହିର କରିବାର ସୁଖ, ଉତ୍ତେଜନା ଲାଭର ସୁଖ, ସ୍ୱାର୍ଥ-ସାଧନର ସୁଖ, କ୍ଷମତା ଓ ପ୍ରତିପତ୍ତି ଲାଭର ସୁଖ, କିମ୍ବା ଆପଣା ଆମୋଦକୁ ଚରିତାର୍ଥ କରିବାର ପ୍ରବଳ ଦାବୀ ଯେତେବେଳେ ଜୀବନର ସର୍ବୋତ୍ତମ ଆଗ୍ରହର ରୂପ ନିଏ – ସେତେବେଳେ ଜାଣି ଅବକ୍ଷୁର୍ଣ୍ଣତା ନିଶ୍ଚୟ ଦେଖାଦିଏ। ପୁଣି ଯେତେବେଳେ ମଣିଷ ମଣିଷ ଭିତରେ ଥିବା ସଂପର୍କ ଉପର ଦେଖାଣିଆ ହୋଇଯାଏ, ସୁଖ ଆମୋଦ ଉପରେ ପର୍ଯ୍ୟବସିତ ହୋଇ ରହିଯାଏ, ସେତେବେଳେ ଅବକ୍ଷୁର୍ଣ୍ଣତା ଦେଖାଦିଏ। ଦାୟିତ୍ୱଶୀଳତାର ସମସ୍ତ ଅର୍ଥାଦି ଯେତେବେଳେ ଲିଭିଯାଏ, ଅନ୍ୟ ଜଣେ ବ୍ୟକ୍ତି ପ୍ରତି ବା ଏ ଧରଣୀ ପ୍ରତି କିମ୍ବା ସମୁଦ୍ର ସାଗରର ଅନ୍ତର୍ନିହିତ ସେ ସବୁକିଛି ପ୍ରତି ଯେତେବେଳେ ଆଦୌ ପରୱା ରହେ ନାହିଁ – ସେତେବେଳେ ସ୍ୱର୍ଗ ଓ ମର୍ତ୍ତ୍ୟ ଭୂମି ପ୍ରତି ମଣିଷର ନିଛକ ଅବହେଳା ପ୍ରଦର୍ଶନ କରିବା ହେଉଛି ଅବକ୍ଷୁର୍ଣ୍ଣତାର ଅନ୍ୟତମ ରୂପ। ଉଚ୍ଚ ଆସନାଦିରେ ଯେତେବେଳେ ଶଠତା, କପଟତା ରାଜୁତି କରେ, ବାଣିଜ୍ୟରେ ଅସାଧୁତା ବିଚରଣ କରେ, ଦୈନନ୍ଦିନ ଜୀବନର କଥା ଭାଷାରେ ମିଥ୍ୟା ବ୍ୟବହାର କରାଯାଏ, ପୁଣି ଯେତେବେଳେ ଅଳ୍ପ କିଛି ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କର ଅତ୍ୟାଚାର ଲାଗି ରହେ ଏବଂ କେବଳ ଜିନିଷ ପତ୍ରର ପ୍ରଭାବ ଚଢ଼ି ବସେ – ସେତେବେଳେ ସକଳ ଜୀବନ ପ୍ରତାରିତ ହୋଇଥାଏ। ସେ କ୍ଷେତ୍ରରେ ଜୀବନର ଏକମାତ୍ର ଅଭିଭାଷା ପାଲଟି ଯାଏ – ହତ୍ୟା, ମାରଧର ବା ଜୀବନ ନାଶ। ପ୍ରେମ ବା ଶ୍ରଦ୍ଧାକୁ ଯେତେବେଳେ ଏକ ସୁଖ ବା ଆମୋଦ ଭାବରେ ଗ୍ରହଣ କରି ନିଆଯାଏ, ସେତେବେଳେ ଜାଣି ମଣିଷ ନିଜକୁ ଜୀବନର ସୌନ୍ଦର୍ଯ୍ୟ ଓ ପବିତ୍ରତାରୁ ବିଚ୍ଛିନ୍ନ କରିନିଏ...।

ଆମୋଦ ବା ସୁଖ ଯହୁଁ ବଡ଼, 'ମୁଁ' ବା ସ୍ୱାର୍ଥ ସେତିକି ବଳୀୟାନ। ଯୋଉଠି ଆମୋଦ ପଛରେ ମଣିଷ ଧାଏଁ ସେଠି ଜଣେ ଆର ଜଣକୁ ନିଶ୍ଚୟ ନିକ୍ଷେପିତ କରେ। ଆମ ଜୀବନରେ ଯେତେବେଳେ ଆମୋଦ ପ୍ରମୋଦ ସର୍ବଶ୍ରେଷ୍ଠ ସାଜେ, ତାକୁ ଚରିତାର୍ଥ କରିବାକୁ ଯାଇ ପାରସ୍ପରିକ ସଂପର୍କକୁ ଶୋଷଣ କରାଯାଏ – ସେତେବେଳେ ସ୍ୱାଭାବିକତଃ ମଣିଷ-ମଣିଷ ଭିତରେ କୌଣସି ସଂପର୍କ ରହେ ନାହିଁ। ସେ କ୍ଷେତ୍ରରେ ଭାବ ସଂପର୍କ ପାଲଟି ଯାଏ – ବାଣିଜ୍ୟର ପଦାର୍ଥ। କିଛି ଚରିତାର୍ଥ କରିବାର ମୂଳରେ ରହିଥାଏ ଆମୋଦ ବା ସୁଖ। କିନ୍ତୁ ଯୋଉଠୁ ସେ ସୁଖ ଟିକକ ମିଳିବା ବନ୍ଦ ହୋଇଯାଏ ବା ତାହା ପ୍ରକଟିତ ହୋଇପାରେ ନାହିଁ, ସେଇଠୁ ଦେଖାଦିଏ ରାଗ, କ୍ରୋଧ, ଦ୍ୱେଶ ଭାବ, ଘୃଣା ଭାବ ବା ତିକ୍ତତା। ପ୍ରକୃତ କଥାଟି ହେଲା ଅହରହ ଭାବରେ ସୁଖ ଆମୋଦ ପଛରେ ଧାଇଁବାର ଅନ୍ୟ ନାମ ହେଲା – ମାନସିକ ବିକୃତି।

*Bombay,
15 February 1948;
The Collected
Works, Vol. IV.*

ମଣିଷ ଇନ୍ଦ୍ରିୟଜନିତ ସୁଖ ସମ୍ଭୋଗରେ ଏମିତି ମାତି ରହିଛି କାହିଁକି ?... ଆଜି ଏହା ଆମ ପାଇଁ ଏକ ଜ୍ୱଳନ୍ତ ସମସ୍ୟା ହୋଇ ଦେଖା ଦେଇଛି କାରଣ ଆମର ଏ ଆଧୁନିକ ସମାଜ ତାକୁ ଯେତେ ପାରେ, ବିଭିନ୍ନ ଉପାୟରେ, ପ୍ରୋତ୍ସାହିତ କରିବାରେ ପଛାଇ ନାହିଁ। ଖବର କାଗଜ, ସିନେମା, ପତ୍ର ପତ୍ରିକା – ସବୁଠି ଯୌନକ୍ଷୁଧାକୁ ତ୍ୱରାନ୍ୱିତ କରାଯାଉଛି। ବିଜ୍ଞାପନରେ ଦେଖିବ ତମର ଦୃଷ୍ଟି ଆକର୍ଷଣ କରିବାକୁ ନାରୀର ଫଟୋ ମରାଯାଉଛି। ବାହାରିଆ ଭାବରେ ହେଉ କି ଭିତିରିଆ ଭାବରେ ହେଉ ସବୁ ପ୍ରକାରେ ଉତ୍ତେଜନାକୁ ପାରୁପର୍ଯ୍ୟନ୍ତେ ପ୍ରୋତ୍ସାହିତ କରାଯାଉଛି, ବହୁ ଶ୍ରମ ସ୍ୱୀକାର କରି ତାକୁ ବଢ଼ାଇ କୁଢ଼ାଇ ରଖାଯାଉଛି। ବର୍ତ୍ତମାନ ଏ ସମାଜ ଯାହା ଯେମିତି ଅଛି, କହିବାକୁ ଗଲେ ତାହା ମଣିଷର ଇନ୍ଦ୍ରିୟସୁଖ ଉପରେ ପର୍ଯ୍ୟବସିତ ଅଛି। ଏଠି ଅତିଶୟ ତାତ୍ପର୍ଯ୍ୟ ଲାଭ କରିଛି – ଜଡ଼ ପଦାର୍ଥର ଚାହିଦା, କ୍ଷମତା ପ୍ରତିପତ୍ତି, ପଦ ପଦବୀ, ନାଆଁ ଡାକ ତଥା ମାନ ମର୍ଯ୍ୟାଦା। ଇନ୍ଦ୍ରିୟଗତ ମୂଲ୍ୟବୋଧ ଆମ ପାଇଁ ଅତ୍ୟାବଶ୍ୟକୀୟ ତାତ୍ପର୍ଯ୍ୟ ଲାଭ କରିଛି। .... ଦେଖ ତ' କେମିତି ତମର ଏ ଜୀବନ ଫମ୍ପା, ଅସାର – ପଇସା ରୋଜଗାରର ଏକ ରୁଟିନ୍ ପାଲଟି ଯାଇଛି; ତା' ଭିତରେ ରହିଛି ତାସ୍ ଖେଳ, ସିନେମା ଦେଖା, ଓ ବହି ଆଦି ପଢ଼ା।

*Varanasi,
22 January 1954;
Leaving School,
Entering Life.*

ଧନୀକ ଏଠି ନୈଶ କ୍ଲବ, ମଉଜ ତାମସା, ଗାଡ଼ି ମଟର ଓ ଦୂର ଭ୍ରମଣ ଆଦିରେ ନିଜକୁ ଭୁଲାଇ ଦିଏ। ସେମିତି ଜ୍ଞାନ-ଚତୁର ଏଠି ନିଜକୁ ହଜାଇ ଦେବାକୁ ଯାଇ ନାନା ପ୍ରକାର ଉଦ୍ଭାବନ, ଆବିଷ୍କାର କରିବାରେ, ଅଭୂତପୂର୍ବ ବିଶ୍ୱାସକୁ ବଜାୟ ରଖିବାରେ ଲାଗି ପଡ଼େ। ଆଉ ମୂର୍ଖ ନିର୍ବୋଦ୍ଧ ବି ଏଠି ନିଜକୁ ଭୁଲାଇ, ହଜାଇ ରଖିବାକୁ ଯାଇ ଅନ୍ୟ ଲୋକଙ୍କୁ ଅନୁସରଣ କରିବାରେ ଲାଗେ; ଗୁରୁଟିଏ ଯୋଗାଡ଼ କରେ ଯେ କି ବତାଇ ଦେବ ସେ କ'ଣ କରିବ। ଆଉ ଯୋଉ ମଣିଷ ଉଚ୍ଚାଭିଳାଷୀ – ସେ ମଧ୍ୟ ଇଚ୍ଛା କରୁଥାଏ ନିଜକୁ ଭୁଲାଇ ରଖିବାକୁ ଓ ସେ ବି ତା'ର କିଛି କରିବାରେ ଲାଗେ। ତେଣୁ ଦେଖିବାକୁ ଗଲେ, ଆମେ ସମସ୍ତେ ଯହୁଁ ଯହୁଁ ବଡ଼ ହେଉଥାଉ, ପ୍ରାପ୍ତ ବୟସ୍କ ହେଉଥାଉ – ଆମେ ଚାହୁଁଥାଉ କେମିତି ନିଜକୁ ଭୁଲିଯାଇ, ହଜାଇ ଦେବୁ।


*Commentaries on Living, Ch:3*

ଯୋଉ ମନ ସଦା ଅସ୍ଥିର, ଚଞ୍ଚଳ, ତା' ଲାଗି ବରାବର ଲୋଡ଼ା ଭେଳିକି ଭେଳି କଥା ଓ କାମଦାମ। ତାକୁ ଭରି ରଖିଲା ଭଳି, ମଜ୍ଜାଇ ରଖିଲା ଭଳି କିଛି ରହିଥିବା ଦରକାର। ସେଭଳି ମନ ଦାବୀ କରେ ଥରକୁ ଥର ଅଧିକ ମାତ୍ରାରେ ଇନ୍ଦ୍ରିୟାନୁଭବ, ଗୋଟିକ ପରେ ଗୋଟିଏ ଆଗ୍ରହ; ଆଉ ବାଜେ ଗପ, ଗୁଜବ ପ୍ରଭୃତିରେ ଏସବୁ ଉପାଦାନ ଦେଖିବାକୁ ମିଳେ। ଅଧିକାଂଶ ଲୋକ ଅନ୍ୟମାନଙ୍କର ଜୀବନରେ ଲାଗିଥିବା କାରବାର ନେଇ ପ୍ରାୟତଃ ମଜ୍ଜି ରହିଥା'ନ୍ତି, ତାଙ୍କରି ଚର୍ଚ୍ଚାରେ ଲିପ୍ତ ଥା'ନ୍ତି। ସେଇ କାରଣରୁ ସେମାନେ ଗଦା ଗଦା ପତ୍ର ପତ୍ରିକା ପଢ଼ନ୍ତି, ଖବର କାଗଜ ପଢ଼ନ୍ତି ଓ ସେସବୁରେ ପ୍ରକାଶ ପାଇଥିବା ଗୁଜବ ସ୍ତମ୍ଭ, ହତ୍ୟା ଦୁର୍ଘଟଣାର ବିବରଣୀ, କୋଉଠି ଛାଡ଼ପତ୍ର, କୋଉଠି ଆଉ କ'ଣ ତାକୁ ସବୁ ପଢ଼ିବାରେ ଲାଗନ୍ତି। ଫଳରେ ଆମେ ବେଳକୁ ବେଳ ଅଧିକରୁ ଅଧିକ ବାହ୍ୟମୁଖୀ ହୋଇ ନିଜ ଅନ୍ତର ଭିତରେ ଫମ୍ପା ହେବାରେ ଲାଗିଥାଉ। ଆଉ ଏଣେ, ଆମେ ଯେତେ ବାହ୍ୟମୁଖୀ ହେଉଥାଉ ଆମର ସେତେ ଅଧିକ ଦରକାର ପଡ଼େ ଇନ୍ଦ୍ରିୟାନୁଭବ ଓ ଆନମନା ଭାବ। ଆଧୁନିକ ଜୀବନ ଯାପନ ଏହି ଧରଣର ଉପର ଦେଖାଣିଆ କାର୍ଯ୍ୟକଳାପ ଏବଂ ଇତସ୍ତତ ଭାବର ଘୋର ପ୍ରୋତ୍ସାହନ କରିଥାଏ।

*Krishnamurti to Himself, 18 March, 1983*

ଯେତେଦୂର ମନେ ହୁଏ, ଆମେ ଭବିଷ୍ୟତ ନେଇ ବିଶେଷ ଧ୍ୟାନ ଦେଉ ନାହିଁ। ସକାଳୁ ଆରମ୍ଭ କରି ଡେରି ରାତି ପର୍ଯ୍ୟନ୍ତ ତମେ ଟେଲିଭିଜନ୍ ଖୋଲି ଦେଇ ତା'ର ଅସରନ୍ତି ଆମୋଦ ଉପଭୋଗ କରିବାରେ ଲାଗିଥାଅ। ଛୋଟ ପିଲାଏ ବି ସେଥିରୁ ଆମୋଦ ପାଆନ୍ତି। ଏମିତି କି ତା'ର ବିଜ୍ଞାପନ ଗୁଡ଼ିକରେ ବି ତମକୁ ପ୍ରମୋଦ ଯୋଗାଉଥିବାର ଏକ ସୂଚନା ମିଳିଥାଏ। ପୃଥିବୀ ସାରା ଯୋଉଠି ବି ଦେଖ, ଏଇଆ ହିଁ ପାଇବ। ତା'ହେଲେ କୁହ, ଏଇ ପିଲାମାନଙ୍କର ଭବିଷ୍ୟତ କ'ଣ ହେବ ? ଖେଳ କୁସ୍ତିର ଆମୋଦ ବି ସେଥିରୁ ଆଉ ଗୋଟିଏ – ତିରିଶ କି ଚାଳିଶ ହଜାର ଲୋକ ଏକାଠି ହୋଇ ଅଳ୍ପ କେତୋଟି ଲୋକଙ୍କୁ ଆଡ୍ଡା ଭିତରେ ଦେଖି ବସା ଗଳାରେ ଚିତ୍କାର କରୁଥା'ନ୍ତି। ଏଇସବୁ ଜିନିଷ ପୃଥିବୀ ସାରା ଦେଖିବା ପରେ, ମନଟା କେମିତି ମଉଜ ମଜଲିସରେ ଲିପ୍ତ ରହୁଛି, ମନୋରଞ୍ଜନରେ, ଖେଳକୁଦରେ ମଗ୍ନ ରହୁଛି – ସେକଥା ଦେଖିବା ପରେ ମଣିଷର ଯଦି ଏଥିନେଇ ଟିକିଏ ବି ଚିନ୍ତା ଥାଏ, ତେବେ ସେ ଗୋଟିଏ ପ୍ରଶ୍ନ ଅନ୍ତତଃ ନିଶ୍ଚୟ କରିବ ଯେ – ଭବିଷ୍ୟତର ଅବସ୍ଥା ତେବେ କଅଣ ? ଏଇ – ଏକୁଇ ନେଇ ଭିନ୍ନ ଭାବରେ ବଦଳା ବଦଳି କରି ପୁଣି ପରିବେଷଣ କରିବା ? ଆମୋଦ ପ୍ରମୋଦର ଆଉ ଏକ ଚେହେରା ଦେଖାଇବା ?

ଯେତେବେଳେ ମନୋରଞ୍ଜନ ଶିଳ୍ପ ମାଡ଼ି ବସିବ, ଯାହା କି ଏବଠୁ ଦେଖାଯିବା ଆରମ୍ଭ ହେଲାଣି; ଯେତେବେଳେ ଯୁବାପିଢ଼ୀ, ଛାତ୍ର ଛାତ୍ରୀ, ପିଲାଏ – ସମସ୍ତେ କେବଳ ଆମୋଦ ବା ସୁଖ ଲାଭ ପଛରେ ମାତିବେ, ସୌଖୀନତା ପଛରେ ବା ରୋମାଞ୍ଚକର ଇନ୍ଦ୍ରିୟ ସୁଖ ପଛରେ ଧାଇଁବେ; ପୁଣି ଯେତେବେଳେ ନିଜକୁ ରୋକିବାକୁ, ନିଷ୍ଠାପର ସଙ୍କୋଚତା ଆଦି ଭଳି ଶବ୍ଦକୁ କେହି ଆଡ଼ ଆଖିରେ ସୁଦ୍ଧା ଚାହିଁବେ ନାହିଁ... ବୋଧହୁଏ ସେତେବେଳେ ତମେ ନିଷ୍ଠାପର ସଙ୍କୋଚତା ଭଳି ଶବ୍ଦର ତାତ୍ପର୍ଯ୍ୟ କ'ଣ ସେକଥା ଭାବିବାକୁ ସୁଦ୍ଧା ଯିବ ନାହିଁ। ତମକୁ ଯେତେବେଳେ ଛୁଆଟି ଦିନରୁ ନିଜକୁ ଆମୋଦିତ କରି ରଖିବା ପାଇଁ ଖାସ୍ ଶିଖାଯାଇଛି; ଯେତେବେଳେ ଅଧିକାଂଶ ମନସ୍ତତ୍ତ୍ୱବିଦ୍ କହୁଛନ୍ତି ଯେ ତମେ ଯାହା ବୋଧ କରୁଛ ତାକୁ ପ୍ରକାଶ କର କାରଣ ଭିତରେ ଚାପି ରଖିବା ହିଁ କ୍ଷତିକାରକ। ସେଇଥିରୁ ନାନା ପ୍ରକାର ବିକୃତି ସୃଷ୍ଟି ହୋଇଥାଏ। ଏକଥା ଶୁଣି ଦେଲା ପରେ, ସ୍ୱାଭାବିକ କଥା ଯେ ତମେ ଅଧିକରୁ ଅଧିକ ଖେଳ କସରତ, ମଉଜ ମଜଲିସ୍, ମନୋରଞ୍ଜନ ଦୁନିଆ ଆଡ଼େ ମୁହାଁଇବାରେ ଲାଗିଯାଅ। କାରଣ ସେଇସବୁ ଜିନିଷ ତମକୁ – ତମେ ନିଜେ ଯାହା – ତା'ଠାରୁ ଖସି ପଳାଇବାରେ ସହାୟତା କରିଥାଏ।



*Saanen,*
*21 July 1981;*
*The Network of Thought.*

ଯନ୍ତ୍ର ମାନବ ବା ରୋବଟ୍ ଆସିଯିବା ପରେ ମଣିଷକୁ ବୋଧେ ଦିନ ଭିତରେ ଦୁଇ ଘଣ୍ଟାରୁ ବେଶୀ କାମ କରିବା ଦରକାର ପଡ଼ିବ ନାହିଁ । ଆଉ ସେଦିନ ବେଶୀ ମଧ ନାହିଁ, ଆଖି ପାଆନ୍ତାରେ ଅଛି । ମଣିଷର ସେତେବେଳେ ତା' ହେଲେ କି କାମ ରହିବ ? ମଣିଷ କ'ଣ ତା'ହେଲେ ମନୋରଞ୍ଜନର ଦୁନିଆରେ ସଂପୂର୍ଣ୍ଣ ଭାବରେ ଲିପ୍ତ ରହିଯିବ ?.... ନା, ତା' ବଦଳରେ ସିଏ ଅନ୍ତର୍ମୁଖୀ ହେବାକୁ ଆରମ୍ଭ କରିବ – ଯାହା କି ମନୋରଞ୍ଜନ ତ' ଆଦୌ ନୁହେଁ । ବରଂ ସେଥିପାଇଁ ତା'ର ଲୋଡ଼ା ହେବ ଲକ୍ଷ୍ୟ କରିବା ଲାଗି ଅସୀମ ଦକ୍ଷତା, ଖୋଳି ତାଡ଼ି ପରୀକ୍ଷା କରିବା ଲାଗି ଓ ଅ-ବ୍ୟକ୍ତିଗତ ଭାବରେ ଅବଲୋକନ କରିବା ଲାଗି ଅଗାଧ ସାମର୍ଥ୍ୟ ।

*The World Within, Ch:75.*

ଜାଣିଛ କି, ତମେ ତମ ନିଜସ୍ୱ ଦକ୍ଷତା ଓ ନିଜ ପାଖରେ ଥିବା ଅଜାଚିତ ଉପହାର ଆଦିରେ କେମିତି ସଦାବେଳେ ପୋତି ହୋଇ ରହିଥାଅ। କିନ୍ତୁ ବଡ଼ ଭୟାନକ ସେ ବନ୍ଧୁ ସବୁ ତମର। ନିଜେ ସେସବୁ ଗୋଟିଏ ଲେଖାଁ ଲକ୍ଷ୍ୟସ୍ଥଳୀରେ ପରିଣତ ହୋଇଯାନ୍ତି ଓ ତା'ପରେ ଆଗକୁ ଡାକି ଆଣନ୍ତି ତତୋଽଧିକ ଦୈନ୍ୟ ଦୁଃଖ। ତମର ଏଇ ଯାହା ସବୁ ଖାଦ୍ୟ, ପୋଷାକ ପରିଚ୍ଛଦ, ତମର ଅଙ୍ଗୀଭଙ୍ଗୀ ତଥା ତମର ସୁଖ ଆମୋଦ – ଏ ସବୁ କିଛି ତମକୁ କ୍ଲାନ୍ତ ଶ୍ରାନ୍ତ, ମାନ୍ଦା କାଉନ୍ଦା କରିଦେଉଛି। ତମର ମନ ବି ଏଥି ସାଙ୍ଗକୁ ସମ୍ବେଦନହୀନ ହୋଇପଡୁଛି ଓ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରିବାର ଶକ୍ତି ତା'ଠାରେ କମି ଯାଉଛି।... ତମେ ଯଦି ଉପର ଦେଖାନ୍ତ ମନର ସେ ନାନା ପ୍ରକାର କ୍ରିୟାକଳାପ ସଂପର୍କରେ ସଚେତନ ରହିପାରିବ, ତା'ର ଅନବରତ ବକର ବକର ହେବା ଗୁଣ ପ୍ରତି, ତାର ନୃତ୍ୟାଦି ପ୍ରତି, ତା'ର ଯୁକ୍ତି କାରଣାଦି ପ୍ରତି, ବିଚାର ମୀମାଂସା ଆଦି ପ୍ରତି ସଚେତନ ରହିପାରିବ – ତେବେ ସେହି ସଜାଗତା ବା ସଚେତନତା ବଳରେ ହିଁ ଶାନ୍ତି ଓ ସୁସ୍ପଷ୍ଟତା ପ୍ରତିଭାତ ହେବ।

*Poona,
19 September 1948;
The Collected
Works, Vol. V.*

ସେଇଥିପାଇଁ, ପ୍ରକୃତରେ ଜରୁରୀ ହେଉଛି .... ଆତ୍ମ-ଜ୍ଞାନ। ମଣିଷ ନିଜକୁ ନିଜେ ବୁଝି ନ ଥିଲେ ଏ ଦୁନିଆରେ ଶୃଙ୍ଖଳା ଦେଖାଦେବା ଅସମ୍ଭବ। ଭାବନା, ଅନୁଭବ, ଏବଂ କାର୍ଯ୍ୟ ଆଦିର ସମଗ୍ର ପ୍ରକ୍ରିୟାକୁ ନିଜ ଅନ୍ତରରେ ଉନ୍ମୋଚନ କରିବା ବିନା ବିଶ୍ୱ ଶାନ୍ତି, ବିଶ୍ୱ ଶୃଙ୍ଖଳା ଓ ନିରାପତ୍ତାକୁ ଆଶା କରିବା ବୃଥା। ସେଇଥିପାଇଁ କହୁଛି ଯେ ନିଜକୁ ନିଜେ ଅନୁଧ୍ୟାନ କରିବା ସର୍ବ ପ୍ରଥମ କାମ। ଆଉ ସେଭଳି କରିବାଟା କଦାପି ହେଲେ ପଳାୟନର କୌଣସି ପନ୍ଥା ନୁହେଁ।

ନିଜକୁ ଅନୁଧ୍ୟାନ କରିବାଟା ଯେ ନିଷ୍କ୍ରିୟତା, ସେ କଥା ଭାବିବ ନାହିଁ। ବରଂ ଅପରପକ୍ଷେ, ସେଭଳି କରିବାରେ ଏକ ଅସାଧାରଣ ସଜାଗତାର ଆବଶ୍ୟକ ରହିଥାଏ ଯାହା କି ଛୋଟ ମୋଟ ଯାହା ବି ତମେ କର, ସେଥିରେ ପ୍ରକାଶ ପାଇଥାଏ। ସେ ପ୍ରକାର ସଚେତନତା ବା ସଜାଗତାରେ କୌଣସି ମୂଲ୍ୟ ନିରୂପଣର ଭାବ ନ ଥାଏ, କୌଣସି ଦୋଷ ତ୍ରୁଟି ସୂଚାଇବାର ଲକ୍ଷଣ ନ ଥାଏ। ମଣିଷ ତା'ର ଦୈନନ୍ଦିନ ଜୀବନରେ ଯେଭଳି ଭାବରେ ବଞ୍ଚୁଥାଏ, ତାହାରି ସମଗ୍ର ଧାରା ନେଇ ସଚେତନ ରହିବାଟା ସଂକୀର୍ଣ୍ଣ ହେବା ନୁହେଁ। ବରଂ ତାହା ଚିର-ବିସ୍ତାରିତ, ସୁସ୍ପଷ୍ଟକାରକ ଅଟେ। ଆଉ ସେ ପ୍ରକାର ସଚେତନତାରୁ ଦେଖାଦିଏ ଶୃଙ୍ଖଳା; ପ୍ରଥମେ ସେ ଶୃଙ୍ଖଳା ବ୍ୟକ୍ତି ବିଶେଷଠାରେ ଦେଖାଦିଏ ଓ ତା'ପରେ ମଣିଷର ବାହ୍ୟ ଦୁନିଆ ସହିତ ଥିବା ସଂପର୍କାଦିରେ ପ୍ରତିଫଳିତ ହୁଏ।

*Montevideo,
26 June 1935;
The Collected
Works, Vol. II.*

ତମେ ଯଦି କହିବ ଯେ ତମେ ଯନ୍ତ୍ରଣା ପାଉ ନାହଁ, ତମଠାରେ କୌଣସି ଦ୍ୱନ୍ଦ୍ୱ କେବେ ଉପୁଜୁ ନାହିଁ, କୌଣସି ବି ସମସ୍ୟା ଦେଖାଯାଉ ନାହିଁ, ବା ତମ ଜୀବନରେ ସଂକଟର ସ୍ଥାନ ନାହିଁ – ତେବେ ତ' କହିବାର କିଛି ନାହିଁ। ତା'ର ଅର୍ଥ ହେଲା, ତମେ ଯଦି ଶୋଇ ରହିଛ ତେବେ ଜୀବନର ଗତିବିଧି ଆଗେ ତମକୁ ନିଦରୁ ଉଠାଇ ଦେବ। କିନ୍ତୁ ସାଧାରଣତଃ, ତମେ ଯେତେବେଳେ ଯନ୍ତ୍ରଣାଦି ଭୋଗିବାକୁ ଆରମ୍ଭ କର, ସେତେବେଳେ କ'ଣ ହୁଏ ? ସାଂଗେ ସାଂଗେ ତମର ମନ ହୁଏ କେମିତି ତା'ର ପ୍ରତିକାର କରିବ ଯାହା ଦ୍ୱାରା କି ଯନ୍ତ୍ରଣାରେ ଉପଶମ ଘଟିବ। ଫଳରେ ଆଶ୍ୱସ୍ତି ଖୋଜିବାକୁ ଯାଇ ତମେ ନିଜକୁ ପୁଣି ସେଇ ପ୍ରଚେଷ୍ଟାର ସୁଅରେ ଭସାଇ ଦେଇ ନିଦେଇ ଯାଅ। ... ତେଣୁ, ମୋର କହିବା କଥା – ଏକ ଶକ୍ତ ଆକସ୍ମିକତାରେ ମନ ଯେତେବେଳେ ନିଦ୍ରାଭଙ୍ଗ ସଦୃଶ ଉଠିପଡ଼େ – ଯାହାକୁ କି ଅନ୍ୟ ଭାଷାରେ ଯନ୍ତ୍ରଣାଭୋଗ ବୋଲି କହିଥାଉ– ଠିକ୍ ସେଇ ଗୋଟିକ ହିଁ ହେଉଛି ଯନ୍ତ୍ରଣାଭୋଗର କାରଣାଦିକୁ ଅନୁସନ୍ଧାନ କରିବାର ବେଳା; ଆଶ୍ୱାସନା ପଛରେ ନ ଯାଇ ସେଇତକ ହିଁ ଦେଖିନେବା ଦରକାର।

*Ojai,*
*18 June 1934;*
*The Collected Works, Vol. II.*


ତମର ସ୍ୱାର୍ଥ ବା ସ୍ୱ ଏବଂ ପରିବେଶ ସହିତ ଲାଗି ରହିଥିବା ସଂଗ୍ରାମ, ସଂଘର୍ଷ ବିଷୟରେ ତମେ ଯଦି ଅଚେତନ ଥାଅ, ଅର୍ଥାତ ସେ ଦ୍ୱନ୍ଦ୍ୱ ବିଷୟରେ ଯଦି ତମେ ସଚେତନ ନ ଥାଅ ତେବେ ମୂଳରୁ ହିଁ ତମେ ପ୍ରତିକାର କାହିଁକି ବା ଖୋଜିବାକୁ ବସିବ ? ସେମିତି ଅ-ସଚେତନ ରହିଥାଅ ନା ! ଯେତେବେଳେ ପରିସ୍ଥିତି ତା'ର ଆପେ ଆସି ପ୍ରତିକୂଳ ହୋଇ ଦ୍ୱନ୍ଦ୍ୱ ସଂଘର୍ଷର ସୂତ୍ରପାତ କରିବ, ଅର୍ଥାତ୍ ତମର ତା' ପଛରେ ଧାଇଁ, ଦଉଡ଼ି କୃତ୍ରିମ ପ୍ରକାରେ – ମିଛିମିଛିକା – ଏକ ସଂଘର୍ଷ ବା ଦ୍ୱନ୍ଦ୍ୱ ଛିଡ଼ା କରିବ, ଯାହା କି ତମର ମନରେ ବା ହୃଦୟରେ ନ ଥିବ, ତାକୁ ସୃଷ୍ଟି କରି ଦେଖିବାର କୌଣସି ମୂଲ୍ୟ ନାହିଁ। କାରଣ ସେ କ୍ଷେତ୍ରରେ ତମେ କାଳେ କିଛି ଗୋଟାଏ ହରାଇ ବସିବ ବୋଲି ସେଇ ଭୟରୁ ହିଁ ଏକ କୃତ୍ରିମ ଦ୍ୱନ୍ଦ୍ୱ ତିଆରି କରିବାକୁ ଯାଉଛି। କିନ୍ତୁ ଗୋଟିଏ କଥା ଜାଣିଥା, ଜୀବନ ତମକୁ ଭୁଲିଯିବ, ସେକଥା କେବେ ବି ଭାବିବ ନାହିଁ।

*Varanasi,
16 December 1952;
The Collected
Works, Vol. VII.*

ଯେତେବେଳେ ତମେ ଘରର ଝରକା କବାଟ ପ୍ରଭୃତିକୁ ନିବୁଜ କରି ଭିତରେ ରହିଯାଅ, ତମକୁ ବଡ଼ ସୁରକ୍ଷିତ, ନିରାପଦ ବୋଧ ହୁଏ, ସକଳ ଆକ୍ରମଣରୁ ଦୂରେଇ ରହିବା ଭଳି ଲାଗେ। କିନ୍ତୁ ପ୍ରକୃତରେ ଜୀବନଟା ତ' ସେଭଳି ନୁହେଁ। ଜୀବନର କରାଘାତ ବାରମ୍ବାର ସେ ବନ୍ଦ କବାଟ ଉପରେ ଶୁଭୁଥାଏ – ଜୀବନ ଅହରହ ଓର ଖୋଜୁଥାଏ, କେମିତି ସେ ନିବୁଜ ଝରକାରେ ଫାଙ୍କ କରିଦେବ, ଖୋଲିଦେବ, ଯାହା ଫଳରେ କି ତମେ ଭଲ କରି ଦେଖିପାରିବ, ଅଧିକ କରି ଦେଖି ପାରିବ। କିନ୍ତୁ ଯଦି ଭୟ ହେତୁରୁ ତମେ ସବୁ ଝିଡ଼ିକି ଝରକା ବନ୍ଦ କରି ରଖିଥିବ ତେବେ ଜୀବନ ତା' ଉପରେ ଆହୁରି ସଶବ୍ଦେ କରାଘାତ କରିବ। ତେଣୁ ତମେ ଯହୁଁ ଯହୁଁ ବାହ୍ୟ ସୁରକ୍ଷାକୁ ବଳବତ୍ତର କରିବାରେ ଲାଗିଥିବ ଜୀବନ ତମକୁ ତତୋଽଧିକ ଠେଲିବାରେ ଲାଗିଥିବ।

*Madras,
29 December 1979;
The Seed of a
Million Years.*

କୁହ ତା'ହେଲେ କେଉଁ ଜିନିଷଟା ତମକୁ ବଦଳାଇ ପାରିବ ? ଏକ ଦୁରୂହ ସଂକଟ ? ମୁଣ୍ଡ ଉପରେ ପାହାରେ ? ଦୁଃଖ, କ୍ଲେଶ ? ଯନ୍ତ୍ରଣାର ଲୋତକ ଧାରା ? – ଗୋଟି ଗୋଟି କରି ଏ ସବୁ କିଛି ତ ଘଟି ଯାଇଛି, ସଂକଟ ପରେ ସଂକଟ ଆସି ଯାଇଛି । ତମେ, ଅର୍ଥାତ୍ ମଣିଷ, ଅଜସ୍ର ଲୋତକପାତ କରିଛି, ହେଲେ କିଛି ବି ହେଲେ ତମକୁ ବଦଳାଇ ପାରି ନାହିଁ – କାରଣ ତମେ ଅପେକ୍ଷା କରି ବସିଛ ଯେ ବାହାରୁ କେହି ଜଣେ ଆସି ତମ ପାଇଁ ସେତକ କରି ଦେଇଯିବ । ଅଥଚ ତମେ କେହି ଜଣେ ବି ହେଲେ ଆଗଭର ହେଉ ନାହଁ ଯେ, 'ହଁ ହଁ, ମୁଁ ନିଜେ ଖୋଜି ଦେଖିବି, କାଢ଼ିବି ।'



*Bombay,
14 December 1969.*

ତମର ଜୀବନକୁ ନେଇ ତମେ କ’ଣ କରିଛ ?..... ହାତରେ ତମର ରହିଛି ଏଇ ଜୀବନ; ହାତ ମୁଠାରେ ତମର ଜୀବନ ବୋଲାଉଥିବା ସେ ଅସାଧାରଣ ପଦାର୍ଥଟି ଲାଖି ରହିଛି। ଜୀବନ ନାମକ ସେ ପଦାର୍ଥରେ ଅଛି ଦୁଃଖ, ଆମୋଦ ପ୍ରମୋଦ, ଭୟ, ଦୋଷାବହ ଭାବ; ପୁଣି ତା’ ସାଂଗକୁ ଅଛି ସେ ଅକଥନୀୟ ନିର୍ଯ୍ୟାତନା, ନିଃସଙ୍ଗତା ଓ ଜୀବନର ହା’ ହତାଶା; ପୁଣି ବି ଅଛି ଜୀବନରେ ସୌନ୍ଦର୍ଯ୍ୟ ସୁଷମାର ସ୍ଥାନ। ଏ ସବୁ କିଛି ତମେ ପାଇଛ ଜୀବନରେ, କିନ୍ତୁ ତାକୁ ନେଇ କରିଛ କଅଣ ? ଆଉ ଏକଥା ପଚାରିବା ପରେ ମନରେ ଏଇ ଦୁଃଖ ନେଇ ଶୋଇବାକୁ ଯାଅ ନାହିଁ ଯେ ତମେ କିଛି ବି ହେଲେ କରି ନାହଁ; ଏତେ ଟିକେ’ ବି କିଛି କରି ନାହଁ। ତମ ହାତ ଆଞ୍ଜୁଳାରେ ଏ ଜୀବନକୁ – ଏକ ଅତୀବ ମୂଲ୍ୟବାନ ପଦାର୍ଥକୁ ଢାଳି ଦିଆଗଲା; କିନ୍ତୁ ତା’କୁ ପାଇ ତମେ କଲ କଅଣ ? ଜୀବନକୁ ଧରି ତାକୁ କିମ୍ଭୂତ-କିମାକାର ବନାଇ ରଖିଲ, ତା’କୁ କଲବଲ କଲ, ଛିନ୍‌ଛତ୍ର କରି ଟୁକୁରା ଟୁକୁରା କରିଦେଲ, ଭାଗ ଭାଗ କରିଦେଲ। ଜୀବନରେ ତମେ ହିଂସ୍ରତା ଭରି ଦେଲ, ବିନାଶ, ଘୃଣାଭାବ ଭରିଦେଲ – ସେଥିରେ ସ୍ଥାନ ଦେଲ ନାହିଁ, ପ୍ରେମକୁ, ସ୍ନେହ ଶ୍ରଦ୍ଧାକୁ, କରୁଣାକୁ କି ଭାବାବେଗ ଉଚ୍ଛ୍ୱାସ ଆଦିକୁ। ଫଳରେ, ତମେ ତମର ଜୀବନକୁ ନେଇ କ’ଣ କରିଛ, ସେ ପ୍ରଶ୍ନଟି ପଚାରି ବସିଲେ, ଆଖିରେ ତମର ଆପେ ପାଣି ଜକେଇ ଆସିବ ନିଶ୍ଚୟ। କିନ୍ତୁ ସେ ଲୁହର କାରଣ ହେଉଛି ତମେ ଅତୀତର ମର୍ମାର୍ଥରେ ଚିନ୍ତା କରୁଛ, ତମେ କ’ଣ କରିପାରିଥା’ନ୍ତ – ସେ ଅର୍ଥରେ ଭାବୁଛ; ଯାହା କି ହେଲା: ଆତ୍ମ-ଅନୁକମ୍ପା।

*Ojai,*
*17 June 1945;*
*The Collected Works, Vol. IV.*

ଉଲ୍ଲାସ ଓ ଆନନ୍ଦ କୌଣସି ଗନ୍ତବ୍ୟ ସ୍ଥଳୀ ସଦୃଶ ନୁହନ୍ତି । ସାହସ ଓ ଆଶା ସଦୃଶ ଏ ଦିଓଟି ମଧ୍ୟ ହେଲା କୌଣସି ଲକ୍ଷ୍ୟସ୍ଥଳୀର ସନ୍ଧାନରେ ଯାତ୍ରା ପଥରେ କିଛି ଘଟଣା ଚକ୍ର । ତେଣୁ ସେହି ଲକ୍ଷ୍ୟର ଅନ୍ତିମ ସ୍ଥଳକୁ ହିଁ ଧୈର୍ଯ୍ୟ, ନିଷ୍ଠାର ସହ ଅନୁସନ୍ଧାନ କରିବା ଆବଶ୍ୟକ । ଆଉ କେବଳ ତାକୁ ଆବିଷ୍କାର କରିବା ଦ୍ୱାରା ହିଁ ଜାଣି ଆମର କଷ୍ଟ ଯନ୍ତ୍ରଣା, ହଇଚଇ ଆଲୋଡ଼ନ ପ୍ରଭୃତିର ଅନ୍ତ ଘଟିବ । ଆଉ ସେକଥା ଆବିଷ୍କାର କରିବାର ଯାତ୍ରା ପଥଟି କେବଳ ମଣିଷର ଅନ୍ତର୍ମୁଖୀ ଯାତ୍ରା, ତାକୁ ବାଦ୍ ଦେଇ ଅନ୍ୟ ଯେ କୌଣସି ଗତି ପଥ ଧରି ଆଗେଇଲେ ତାହା ଅଜ୍ଞତା ଏବଂ ଭ୍ରମ ଆଡ଼କୁ ହିଁ କେବଳ ବାଟ କଢ଼ାଇ ନେବ । ଆଉ ନିଜର ଏ ଅନ୍ତର୍ମୁଖୀ ଯାତ୍ରାକୁ କୌଣସି ଫଳାଫଳ ପ୍ରାପ୍ତି ଉଦ୍ଦେଶ୍ୟ ନେଇ , ବା ଦ୍ୱନ୍ଦ୍ୱ ଦୁଃଖ ଆଦିର ସମାପନ ନେଇ ଆରମ୍ଭ କରିବାର କଥା ନୁହେଁ । କାରଣ ସେ ଅନୁସନ୍ଧାନ ହିଁ ସ୍ୱୟଂ ହେଉଛି – ଅନୁପ୍ରାଣତା ଓ ପ୍ରେରଣାର ପରିପ୍ରକାଶ ।

*Think on These Things, Ch:26.*

ଆମେ ହିଁ ସ୍ୱୟଂ ହେଉଛୁ – ସମଗ୍ର ମାନବ ଜାତି । ଏହି ପୃଥିବୀରେ ଏହି ଧରଣୀ ମାଟିରେ ଆମେ ଏକାଠି ମିଳିମିଶି ରହିବା ପ୍ରଯୁଜ୍ୟ । ତେବେ ଯାଇ ଆମରି ସ୍ନେହ ଭରା ଯତ୍ନ ଲାଭ କରି ଏଠି ଖାଦ୍ୟ ଉତ୍ପନ୍ନ ହେବ, ବସ୍ତ୍ର ଉପୁଜିବ ଓ ଆମ ସଭିଁଙ୍କ ଲାଗି ଆଶ୍ରୟ ମିଳିବ । ତେଣୁ ବିଦ୍ୟାର ପ୍ରକୃତ, ମାର୍ମିକ କାର୍ଯ୍ୟଟି ଯେ କେବଳ ପରୀକ୍ଷା କେତୋଟି ଦେଇ ଉତ୍ତୀର୍ଣ୍ଣ ହୋଇଯିବା, ତାହା ନୁହେଁ; ବରଂ ବିଦ୍ୟାର ବାସ୍ତବ ଧର୍ମଟି ହେଉଛି ଜୀବନ ଯାପନର ସେ ସମୂଦାୟ ସମସ୍ୟାକୁ ହୃଦ୍‌ବୋଧ କରିବା ଦିଗରେ ତମକୁ ସାହାଯ୍ୟ କରିବା ।.... ତା' ବ୍ୟତୀତ, ଈଶ୍ୱର କହିଲେ ପ୍ରକୃତରେ କଅଣ, – ସେ ବିଷୟରେ ଉନ୍ମୋଚନ କରିବା ମଧ୍ୟ ଆମର ଅନ୍ୟତମ ସମସ୍ୟା । କାରଣ ତା'ରି ଉପରେ ହିଁ ତ' ଆମର ଜୀବନର ଭିତ୍ତି ପଡ଼ିଛି । କିନ୍ତୁ ଘରଟିଏ ଯେମିତି ଉପଯୁକ୍ତ ଭିତ୍ତି ବିନା ତିଷ୍ଠି ରହିବା ସମ୍ଭବ ନୁହେଁ – ଠିକ୍ ସେହିଭଳି, ମଣିଷର ସମସ୍ତ ଧୂର୍ତ୍ତ, ଚତୁର ଉଦ୍ଭାବନ ଆଦି ମୂଲ୍ୟହୀନ ଅସାର ପାଲଟିଯିବ ଯଦି ଆମେ ଈଶ୍ୱର କଅଣ ବା ସତ୍ୟ କଅଣ, ସେକଥା ଖୋଜିବା ବନ୍ଦ କରିଦେବା ।

*Think on These Things, Ch:17.*

ଗୋଟିଏ କଥା ଅନ୍ତତଃ ତମେ ଦେଖିପାରୁଥିବ ଯେ ଏ ସବୁ କିଛି କାମଦାମ ଆମକୁ ଧ୍ୱଂସ ଦିଗରେ, ଦୁଃଖ ଦୈନ୍ୟ ଦିଗରେ – ବା, ହତାଶା ବିଶୃଙ୍ଖଳା ଦିଗରେ ବାଟ କଢ଼ାଇ ନେବାରେ ଲାଗିଛି। ଦୁନିଆରେ ମହା ଆଡ଼ମ୍ବରତା ଓ ଅକଥନୀୟ କ୍ଷୁଧା, ଅନାହାର, ରୋଗ ବୈରାଗ ପାଖାପାଖି ହୋଇ ଚାଲିଛି ଓ ତା' ସାଙ୍ଗକୁ ତାଳ ଦେଇ ରେଫ୍ରିଜିରେଟର୍ ଠାରୁ ଆରମ୍ଭ କରି ଜେଟ୍ ପ୍ଲେନ୍‌ର ପରାକାଷ୍ଠା ମଧ୍ୟ ଦେଖିବାକୁ ମିଳୁଛି। ଗୋଟି ଗୋଟି କରି ଏ ସବୁକିଛିର ପଛରେ ରହିଛି ମଣିଷ। ଏଇତକ ଥରେ ଭଲ ରୂପେ ଦେଖି ନେବା ପରେ, ତମେ କ'ଣ ପ୍ରଶ୍ନ କର ନାହିଁ – 'ସତରେ କ'ଣ ଖାଲି ଏତିକି ? ଏକୁ ବାଦ୍ ଦେଇ କ'ଣ ଅନ୍ୟ କିଛି ହେଲେ ନାହିଁ ଯାହା କି ପ୍ରକୃତରେ ମଣିଷର କାମ ?' ତେଣୁ ମଣିଷର ପ୍ରକୃତ କାମଟି କଅଣ, ସେଇ କଥାଟି ଯଦି ଆମେ ଖୋଜି କାଢ଼ି ପାରନ୍ତେ – ତେବେ ଏଇ ଜେଟ୍ ପ୍ଲେନ୍, ଲୁଗାଧୁଆ ମେସିନ୍, ପୋଲ ବ୍ରିଜ୍ ଆଦି କି ହଷ୍ଟେଲ ପ୍ରଭୃତିର ଏକ ସଂପୂର୍ଣ୍ଣ ଭିନ୍ନ ଅର୍ଥ ବା ମୂଲ୍ୟ ଆମକୁ ଦିଶି ପାରନ୍ତା। କିନ୍ତୁ ପ୍ରଥମେ, ମଣିଷର ପ୍ରକୃତ କାମଟି ଯେ କଅଣ, ସେ କଥା ନ ବୁଝି, ନ ଜାଣି ଖାଲି ତୁଚ୍ଛାକୁ ରୂପାନ୍ତର ଘଟାଇବା ନାଆଁ ରେ ବା ଆଗରୁ ମଣିଷ ଯାହା ସବୁ ତିଆରି କରି ଯାଇଛି ତାର ପୁନର୍ବିନ୍ୟାସ କରିବାରେ କୌଣସି ଅର୍ଥ ନାହିଁ।

ତେଣୁ ପ୍ରଥମେ କହ, ମଣିଷର ପ୍ରକୃତ କାମଟି କ'ଣ ? ମଣିଷର ପ୍ରକୃତ କାମଟି ଯେ ହେଲା ସତ୍ୟର ଅବତାରଣା କରିବା, ଈଶ୍ୱର କ'ଣ ବୋଲି ଉନ୍ମୋଚନା କରିବା – ଏଥିରେ ଦ୍ୱିରୁକ୍ତି ନାହିଁ। ମଣିଷର ପ୍ରକୃତ କାମଟି ହେଲା ସ୍ନେହ ଶ୍ରଦ୍ଧା କରିବା, ଭଲ ପାଇବା ତଥା ନିଜକୁ ଆତ୍ମ-ବେଷ୍ଟନୀରେ ଆବଦ୍ଧ କଲା ଭଳି କାର୍ଯ୍ୟ କଳାପରୁ ମୁକ୍ତ ରହିବା। ଆଉ ଯାହା ପ୍ରକୃତରେ ସତସତିକା ଘଟୁଛି, ସେହି ଜିନିଷଟିକୁ ଆବିଷ୍କାର କରିବାରେ ହିଁ ଜାଣି ବାସ୍ତବ ପ୍ରେମର ସ୍ଥାନ ଅଛି। ଆଉ ମଣିଷ ମଣିଷ ଭିତରେ ସେହି ଶ୍ରଦ୍ଧା ପ୍ରେମ ରହି ପାରିଲେ ଯାଇ ଏକ ନୂତନ ସଭ୍ୟତା, ସଦ୍ୟ ନବୀନ ପୃଥିବୀର ମୂଳଦୁଆ ପଡ଼ିବା ସମ୍ଭବ।

*Think on These Things, Ch:11.*

ମଣିଷର ଯଦି କିଛି ପ୍ରକୃତ ବଳବତ୍ତର ଝୁଙ୍କ ବା ତାଡ଼ନା ଥାଏ, ତାହା ହେଲା ସତ୍ୟ କଅଣ ବା ଈଶ୍ୱର କଅଣ – ତାକୁ ହିଁ ଜାଣିବାର ଅଦମ୍ୟ ଆଗ୍ରହ (ଙ୍କ୍ୱଶର)। ଏକୁ ଛାଡ଼ି ବାକି ସବୁ ଝୁଙ୍କ ବା ତାଡ଼ନା (ଙ୍କ୍ୱଶର) ହେଲା ଅପ୍ରୟୋଜନୀୟ, ଅତିରିକ୍ତ। ତମେ ଯେତେବେଳେ ସ୍ଥିର ଜଳରାଶିରେ ଟେକାଟିଏ ପକାଅ, ତାହା ଚକ୍ରାକାରରେ ପ୍ରସାରିତ ହେବାରେ ଲାଗେ। ସେଭଳି ପ୍ରସାରିତ ଚକ୍ର ବା ବୃତ୍ତଗୁଡ଼ିକ ହେଉଛି ଅତିରିକ୍ତ ବା ଅ-ପ୍ରାଥମିକ ଗତିର ଚଳନ; ସାମାଜିକ ପ୍ରତିକ୍ରିୟା। କିନ୍ତୁ ତା'ର ମୂଳ ବା ପ୍ରାଥମିକ ଚଳନଟି ଥାଏ କେନ୍ଦ୍ରରେ – ଆଉ ସେହି କେନ୍ଦ୍ରଟି ହେଉଛି ଆମର ସୁଖ ଆନନ୍ଦ ଖୋଜି ହେବା, ଈଶ୍ୱର, ସତ୍ୟାଦିର ସନ୍ଧାନ କରିବା। କିନ୍ତୁ ଯେ ପର୍ଯ୍ୟନ୍ତ ତମେ ଭୟରେ ବାନ୍ଧି ହୋଇ ରହିଥିବ, ବା ଏକ ବିପଦ ତଳେ ରହିଥିବ। ସେ ପର୍ଯ୍ୟନ୍ତ ତା'ର ସନ୍ଧାନ ତମେ ପାଇବ ନାହିଁ। ଯୋଉ ମୂହୁର୍ତ୍ତରେ କରି ବିପଦ ବା ଭୟର ଅୟମାରମ୍ଭ ଘଟିବ – ସଂସ୍କୃତିର ଅଧୋପତନ ସେଇଠି ଆରମ୍ଭ ହେବ।

ସେଇଥିପାଇଁ ଜାଣିଥା, ତମେ ପିଲା ଥାଉଁ ଥାଉଁ ହିଁ ସ୍ଥିତି-ବଦ୍ଧତାରୁ ଦୂରେଇ ରହିବା, ନିଜ ବାପାମାଆଙ୍କ ପ୍ରତି ଭୟରୁ, ସମାଜ ନେଇ ଶଙ୍କା ଆଶଙ୍କାରୁ ନିବୃତ୍ତ ରହିବା ଅତି ଗୁରୁତ୍ୱପୂର୍ଣ୍ଣ। ତା' ଦ୍ୱାରା ତମଠାରେ ସତ୍ୟ କଅଣ ବୋଲି ଏକ ସମୟାତୀତ ପ୍ରଚଳନର ମୂଳଦୂଆ ପଡ଼ିପାରେ। ଯେଉଁ ମଣିଷମାନେ ସତ୍ୟ କଅଣ, ଈଶ୍ୱର କଅଣ – ଏଭଳି ସନ୍ଧାନରେ ବ୍ରତୀ ଥାଆନ୍ତି, କେବଳ ସେହିମାନେ ହିଁ ଜାଣି ଏକ ନବ ସଭ୍ୟତା, ନବ ସଂସ୍କୃତିର ସୃଷ୍ଟି କରିବାକୁ ସମର୍ଥ ହୋଇ ଥାଆନ୍ତି।

*Think on These Things, Ch:27.*

ଯେଉଁ ବ୍ୟକ୍ତି ପ୍ରକୃତ ମର୍ମାର୍ଥରେ ଧାର୍ମିକ, ସେ କଦାପି କୌଣସି ରୂପାନ୍ତର ନେଇ ଆଗ୍ରହୀ ନୁହେଁ । ସାମାଜିକ ଢାଞ୍ଚାରେ କିଛି ଏଣୁତେଣୁ ପରିବର୍ତ୍ତନ ଆଣିବା ଦିଗରେ ସେ ଉତ୍ସାହୀ ନୁହେଁ । ବରଂ ଅନ୍ୟ ପକ୍ଷରେ, ସେ ସନ୍ଧାନ କରିଥାଏ – ସତ୍ୟଟା କଅଣ । ଆଉ ତା'ର ସେହି ସନ୍ଧାନ ହିଁ ଖୋଦ୍ ସମାଜ ଉପରେ ଏକ ପରିବର୍ତ୍ତନକାରୀ ପ୍ରଭାବ ଆଣିଦିଏ । ସେଇଥିପାଇଁ ଶିକ୍ଷାର ମୌଳିକ ପ୍ରସଙ୍ଗଟି ହେବା ଉଚିତ, କିପରି ଛାତ୍ରଛାତ୍ରୀଙ୍କୁ ସତ୍ୟ ବା ଈଶ୍ୱର ସନ୍ଧାନରେ ନିବିଷ୍ଟ କରିବା । ଶିକ୍ଷାର ଧର୍ମ ନୁହେଁ ଯେ ଶିକ୍ଷାର୍ଥିମାନଙ୍କୁ ଏକ ପ୍ରଚଳିତ ସମାଜର ଢାଞ୍ଚା ଭିତରେ ଆଦରି ଯିବାକୁ ପ୍ରସ୍ତୁତ କରିବା ।

*Saanen,
3 August 1975.*

ସେଇ ଯାହା କିଛି ଶାଶ୍ୱତ, ଅକଳୁଷିତ ଭାବରେ ପୂତ ପବିତ୍ର, ତାକୁ ହିଁ ମଣିଷ ଖୋଜି ବାହାର କରିବା ଦରକାର । ଆଉ ତାହା ଦେଖାଦେବା ଲାଗି ନିହାତି ଆବଶ୍ୟକ – କରୁଣା । ଅର୍ଥାତ୍ ସେତେବେଳେ ତମେ ଯାତନା ଭୋଗର ସମଗ୍ର ତାତ୍ପର୍ଯ୍ୟକୁ ହୃଦୟଙ୍ଗମ କରିପାରିଥିବ । କେବଳ ନିଜସ୍ୱ ଯାତନା ଭୋଗକୁ ନୁହେଁ ବରଂ ସମଗ୍ର ଦୁନିଆ ଭୋଗୁଥିବା ଯାତନା ଓ ଦୁଃଖକୁ । ସଂସାରର ଯାତନା ଭୋଗ ହେଉଛି ସତ୍ୟତା; ତାହା ପ୍ରକୃତରେ ଘଟୁଛି । ତାହା ଭାବନା ରାଜ୍ୟର ଏକ ଭାବପ୍ରବଣ, ରୋମାଞ୍ଚକର ଶିହରଣ ନୁହେଁ । ତାହା ବାସ୍ତବରେ, ଆମରି ଭିତରେ ରହିଛି, ସେଇଠି ବାସ କରୁଛି । ଆଉ କଥା ହେଲା, ସେହି ଯନ୍ତ୍ରଣା ଭୋଗ ଭିତରେ ବଞ୍ଚି ରହିବା – ଆଦୌ ଅଣଦେଖା ନ କରି ତା'ର ଅନ୍ତିମତାରେ ପହଞ୍ଚିବା । ଯେତେବେଳେ ତମେ ତା'ଠାରୁ ଖସି ପଳାଅ ନାହିଁ ବା ଅଣଦେଖା କର ନାହିଁ ସେତେବେଳେ ତା'ର ସମ୍ମୁଖୀନ ହେବା ଲାଗି ତମଠାରେ ଅପର୍ଯ୍ୟାପ୍ତ ଶକ୍ତି ଠୁଳ ହୋଇଯାଏ । ଆଉ ଖାସ୍ ସେତିକିବେଳେ ଜାଣି ତମେ ତା'ର ଊର୍ଦ୍ଧ୍ୱକୁ ଯାଇପାର । ... କେବଳ ଯେତେବେଳେ ଯାତନା ଭୋଗର ସମୂଦାୟ ଅର୍ଥାଦିକୁ ତମେ ବୁଝି ନିଅ ଓ ଯାତନା ଭୋଗ ତମଠାରେ ରହେ ନାହିଁ, ସେତିକିବେଳେ ଜାଣି କରୁଣା ଦେଖାଦିଏ । ଆଉ ଧ୍ୟାନ କରିବାକୁ ତଥା ଶାଶ୍ୱତ ଭାବରେ ପୂତ ପବିତ୍ର – ସେଇ ତାହାକୁ ପାଇବା ଲାଗି ଯଦି କିଛି ହକ୍‌ଦାର, ତାହା ହେଲା କରୁଣାପୂର୍ଣ୍ଣ ମନ ।

*Think on These Things, Ch:17.*

ଈଶ୍ୱରଙ୍କ ସନ୍ଧାନ, ସତ୍ୟର ସନ୍ଧାନ, ଏକବାରେ ଭଲ ହେବା – ଭଲ ହେବା ଲାଗି ପରିପୋଷଣ କରିବା, ନମ୍ରତା ପାଳନ କରିବା ଇତ୍ୟାଦି ନୁହେଁ। ବରଂ ମନର କାରସାଦି ଓ ଉଦ୍ଭାବନ ଆଦିର ଊର୍ଦ୍ଧ୍ୱରେ ଥିବା ସେହି ପଦାର୍ଥକୁ ଖୋଜି ବାହାର କରିବା – ସେହିଥିରେ ଜୀବନ ଯାପନ କରିବା, ନିଜେ ତାହା ହିଁ ପାଲଟିଯିବା: ଏହା ହିଁ ପ୍ରକୃତରେ ଧର୍ମ। କିନ୍ତୁ ସେକଥା କରିବା ଲାଗି ପ୍ରଥମେ ତମକୁ ନିଜେ ଖୋଳିଥିବା ସେ ଗଡ଼ିଆରୁ ଉଠି ଆସି ଜୀବନ-ନଦୀର ସ୍ରୋତରେ ପ୍ରବାହିତ ହେବାକୁ ପଡ଼ିବ। ସେତେବେଳେ ତମର ଯତ୍ନ ନେବାକୁ ସ୍ୱୟଂ ଜୀବନ ବଢ଼ାଇ ଦେବ ଏକ ଅତି ଆଶ୍ଚର୍ଯ୍ୟଜନକ ବାଟ। କାରଣ ତମେ ସେତେବେଳେ ଆଉ ନିଜେ ନିଜ ପାଇଁ ଯତ୍ନ କରୁ ନ ଥିବ। ଜୀବନର ସ୍ରୋତ ତମକୁ ବାହିନେବ ତା'ର ଗତି ପଥରେ କାରଣ ତମେ ସାମିଲ ହୋଇଯାଇଥିବ ତାହାରି ଦେହରେ, ସେତେବେଳେ ଆଉ ସୁରକ୍ଷା ବା ନିରାପତ୍ତାର ସମସ୍ୟା ରହିବ ନାହିଁ, ଲୋକେ କାଳେ କ'ଣ କହିବେ ବା ନ କହିବେ – ସେ ଭାବନା ରହିବ ନାହିଁ। ସେଇ ତ ହେଲା ଜୀବନର ସୌନ୍ଦର୍ଯ୍ୟ !


*The World Within,*
*Ch.76.*

ବାସ୍ତବର ଅନୁସନ୍ଧାନରେ ପେଟକୁ ଖାଦ୍ୟ ତ' ନିଶ୍ଚୟ ଆସିଯିବ; କିନ୍ତୁ ଆମର ଅନ୍ୱେଷଣ ଯଦି ହେବ କେବଳ ଖାଦ୍ୟ ପଛରେ ତେବେ ସେ ଖାଦ୍ୟ ବି ଧ୍ୱଂସ ପାଇଯିବ । ଖାଦ୍ୟ ସଂଗ୍ରହର ମୂଲ୍ୟ କଦାପି ସର୍ବୋତ୍ତମ ନୁହେଁ । କିନ୍ତୁ ଆମେ ଯେତେବେଳେ ତାକୁ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରି ବସିବୁ – ଧ୍ୱଂସ ବିନାଶକୁ ଅବଶ୍ୟ ଡାକି ଆଣିବୁ– ପାଛୋଟି ଆଣିବୁ, ହତ୍ୟା ଓ ବୁଭୁକ୍ଷାକୁ ମଧ୍ୟ ।

କ୍ଷଣିକକୁ ପାଥେୟ କରି ଚିରନ୍ତନର ସନ୍ଧାନ କର । ଚିରନ୍ତନରେ ପହଞ୍ଚିବାର କୌଣସି ପଥ ନାହିଁ କି ମାର୍ଗ ନାହିଁ । କାରଣ ତାହା ତ' ସଦା ବିଦ୍ୟମାନ ।

*The World Within,*
*Ch:19.*

ବାସ୍ତବତା ହିଁ ଏକମାତ୍ର ସତ୍ୟ; ତାହା ହିଁ ଅଦ୍ୱିତୀୟ, ତାହା ହିଁ ସର୍ବୋମହତ୍ । ସାରା ମନୁଷ୍ୟ ବର୍ଗ ହେଉଛି ଏକ; ସଙ୍ଗୋଟତା ହେଉଛି ଏକ । ଆଉ ଏ କଥାଟି ହୃଦୟଙ୍ଗମ କରିବା ଲାଗି ଅନ୍ୟ କୌଣସି ମାର୍ଗ ବା ଉପାୟ ନାହିଁ । ତାକୁ ହୃଦବୋଧ କରିବା ଲାଗି ନିଜ – ଆପଣା – ବ୍ୟତୀରେକ କେହି ବି ମନୁଷ୍ୟ ନାହିଁ । ନିଜର ବିମୁକ୍ତି ଆଗେ ଆଣ, ତା’ ପରେ ସାରା ଦୁନିଆକୁ ତା’ର ଦ୍ୱନ୍ଦ ବିଭ୍ରାନ୍ତିରୁ, ତା’ର ଦୁଃଖ ବୈଧୃତ ଭାବରୁ ବିମୁକ୍ତ କରିବ ।





*Rishi Valley,
16 December 1984.*

ତମେ ପ୍ରଶ୍ନ କରିଥିଲ, ପୂତ ବା ପବିତ୍ରର ଅର୍ଥ କ'ଣ ? ସେତକ ଖୋଜି ବାହାର ନ କରିବା ପର୍ଯ୍ୟନ୍ତ, ତା'ଠାରେ ଉପନୀତ ନ ହେବା ପର୍ଯ୍ୟନ୍ତ – ଏକଥା ଅବଶ୍ୟ ଭାବିବ ନାହିଁ ଯେ ତମେ ତା'କୁ ପାଇବ ବୋଲି; ବରଂ ତାହା ସ୍ୱତଃ ପ୍ରକାଶିତ ନ ହେବା ପର୍ଯ୍ୟନ୍ତ ଏକ ନବ ସଂସ୍କୃତିର ସମ୍ଭାବନା ନାହିଁ; ତାହା ବିନା ତମେ କଦାପି ହେଲେ ଏକ ନୂତନ ମାନବିକ ଗୁଣ ଲାଭ କରିବା ସମ୍ଭବ ହେବ ନାହିଁ।

*Madras,*
*22 October 1947;*
*The Collected Works, Vol. IV.*

ତମେ ନିଜେ ହିଁ ନିଜର ମଶାଲ ସାଜିବ।... ମନୁଷ୍ୟର ହାତ ଗଢ଼ା ବା ମନଗଢ଼ା କୌଣସି ଉପାଦାନ ତମର ସେ ଆଶାକୁ ଫଳପ୍ରଦ କରିପାରିବ ନାହିଁ। ଆମେ ଏଠି ଖସି ପଳାଇ ଯିବାକୁ ଆଦୌ ବସୁନାହୁଁ। କେବଳ ଗୋଟିଏ କଥା ଆମେ କହୁଛୁ ଯେ ଗିରିଖାତର ଉପର ମୁଣ୍ଡରେ ଛିଡ଼ା ହୋଇ ତମେ ଯାହା ବି କରିବ, ପାଦେ ବି ଆଗେଇବ, ସେଥିରେ ପତନ ଛଡ଼ା ଅନ୍ୟ ଗତି ନାହିଁ। ଗିରିଖାତରୁ ଦୂରେଇ ରହିବାରେ ହିଁ କେବଳ ଆନନ୍ଦ ଓ ନିରାପତ୍ତା ନିହିତ। ଅଳ୍ପ କେତେଜଣ ବ୍ୟକ୍ତି ଯେଉଁମାନେ ଏଇ କଥାଟି ଅନୁଭବ କରନ୍ତି, ବୁଝନ୍ତି ସେମାନଙ୍କର ଜ୍ଞାନୋଦ୍ଦୀପନାର କେନ୍ଦ୍ର ସ୍ଥାପନା କରିବା ଓ ଗିରି ସଙ୍କଟରୁ ଦୂରେଇ ରହିବା ବିଧେୟ। ଆମର ବର୍ତ୍ତମାନର ସଙ୍କଟରୁ ବଞ୍ଚି ରହିବା ଲାଗି ତଥା ସମସ୍ତ ସମସ୍ୟାରୁ ବର୍ତ୍ତି ରହିବା ଲାଗି ଗୋଟିଏ ମାତ୍ର ଉପାୟ ଅଛି। ସେ ଉପାୟଟି କୌଣସ ପ୍ରକାରେ ପଳାୟନ ପନ୍ଥା ନୁହେଁ, ବରଂ ତାହା ଅନନ୍ତ ଆନନ୍ଦ ଦିଗରେ ଆଭିମୁଖ୍ୟ।



FOUNDATION
INDIA
PUBLICATIONS

Krishnamurti Foundation India
Vasanta Vihar, 124, Greenways Road, Chennai - 600028
Tel: 91-44-24937803 / 24937596 | info@kfionline.org | www.kfionline.org